fmpb

# ମିତ୍ର ସମାଚାର

ମାର୍ଚ୍ଚ ୨୦୨୨



ପୁଣି ଆମ୍ଭେମାନେ ଯେବେ ତାହାଙ୍କ ଇଚ୍ଛାନୁସାରେ କୌଣସି ପ୍ରାର୍ଥନା
କରୁ, ତେବେ ସେ ଆମ୍ଭମାନଙ୍କର ସେହି ପ୍ରାର୍ଥନା ଶୁଣନ୍ତି,
ତାହାଙ୍କ ଛାମୁରେ ଆମ୍ଭମାନଙ୍କର ଏହି ସାହସ ଅଛି ।

୧ମ ଯୋହନ ୫:୧୪

# ଆଗ ଧାଡି...



## ବୋଝ ସହ ପ୍ରାର୍ଥନାକରିବା

ପ୍ରାର୍ଥନା ବୋଝ ଅଦ୍ୱିତୀୟ ଏବଂ ଏକ ଅତିଉତ୍କୃଷ୍ଟ ଈଶ୍ୱର - ଦତ୍ତ ଦାନ ଅଟେ । ଏହା ଈଶ୍ୱରଙ୍କ ହୃଦୟରେ ଆତ୍ମିକ ଚିନ୍ତା ଜାତ କରାଏ ଯାହାକି ଖ୍ରୀଷ୍ଟିୟାନ ଜୀବନରେ ଅନ୍ତର୍ନିହିତ ଅଂଶ ଏବଂ ଏହା ପବିତ୍ର ଆତ୍ମାଙ୍କ ଦ୍ୱାରା ଅବଗତ କରାଏ, ଯେଉଁ ହୃଦୟଗୁଡିକର ମଧ୍ୟସ୍ଥିର ପ୍ରାର୍ଥନା ପବିତ୍ର ଆତ୍ମା ବ୍ୟବହାର କରିବାକୁ ଚାହାଁନ୍ତି । ଏକ ପବିତ୍ର ଆତ୍ମା ବୋଝଗ୍ରସ୍ତ ପ୍ରାର୍ଥନା ପ୍ରଭୁଙ୍କ ନିକଟରୁ ଏକ ବିଶେଷ ଆଦେଶ ଅଟେ । ଖ୍ରୀଷ୍ଟିୟ ଆତ୍ମଜୀବନୀ ଏବଂ ଇତିହାସରେ ଆମେ ହଜାର ହଜାର ଉଦାହରଣ ପାଉ ଯେଉଁଠି ପ୍ରଭୁ କିପରି କାର୍ଯ୍ୟ କଲେ, ବଞ୍ଚାଇଲେ, ଆଶୀର୍ବାଦ କଲେ, ସୁରକ୍ଷିତ କଲେ, ସୁସ୍ଥତା ଦେଲେ, ଉଦ୍ଦୀପନା ପଠାଇଲେ ବା ଯେତେବେଳେ ଜଣେ ବୋଝ ସହ ପ୍ରାର୍ଥନା କରିବାରୁ ପ୍ରାର୍ଥନାଗୁଡିକର ଉତ୍ତର ମିଳିଲା, ଏହା ପ୍ରଭୁଙ୍କଠାରୁ ଏକ ଡାକରା । ପ୍ରାର୍ଥନାର ବୋଝ ଏକ ଅତ୍ୟନ୍ତ ବ୍ୟକ୍ତିଗତ ଏବଂ ପବିତ୍ରତା ସହିତ ଗୁପ୍ତ ଭରସା ଯାହା ଆମ୍ଭେ ପ୍ରଭୁଙ୍କଠାରୁ ପାଇଥାଉ । ଆମ୍ଭେ ପ୍ରଭୁ ଯୀଶୁଙ୍କର ବୋଝ ସହ  ବା ସଠିକ୍ ଅର୍ଥରେ କହିବାକୁ ଗଲେ ଏହି ମଧ୍ୟସ୍ଥି ପ୍ରାର୍ଥନା ଦ୍ୱାରା ଆମ୍ଭେ ପ୍ରଭୁଙ୍କ ସହଭାଗୀ ହେଉ । ପ୍ରଭୁଙ୍କର କାର୍ଯ୍ୟ ଉତ୍ତମ କାର୍ଯ୍ୟ ଅଟେ । ସମସ୍ତ ଆତ୍ମାଙ୍କ କାର୍ଯ୍ୟ ଏକ ଭାରଗ୍ରସ୍ତ ହୃଦୟ ସହ ପ୍ରତଫଳି ହୋଇଥାଏ ।

ଆମେ ଯେତେବେଳେ ଆମ୍ଭ କାର୍ଯ୍ୟଗୁଡିକ ବିନା ବୋଝ ସହ କରିଥାଉ ତାହା ଅଧିକମାତ୍ରାରେ ନିଷ୍ଫଳ ହୋଇଥାଏ । ଆମ୍ଭେ ପବିତ୍ର ଆତ୍ମାଙ୍କ ଦ୍ୱାରା ଦତ୍ତ ବୋଝଗୁଡିକ ବାକ୍ୟ ଏବଂ କାର୍ଯ୍ୟ ଦ୍ୱାରା ପ୍ରତିଫଳିତ କରିବା ଉଚିତ୍, ତଦ୍ୱାରା ପ୍ରଭୁ ଆତ୍ମାଙ୍କ ଦ୍ୱାରା ନୂତନ ବୋଝଗୁଡିକୁ ଦେବେ । ଆମ୍ଭମାନେ ବିନଷ୍ଟ ହେଉଥିବା ଆତ୍ମାଗୁଡିକର ପରିତ୍ରାଣ ନିମନ୍ତେ ବୋଝଗ୍ରସ୍ତ ହୋଇ ପ୍ରାର୍ଥନା କରିବା ଉଚିତ୍ କାରଣ ଖ୍ରୀଷ୍ଟଙ୍କ ପ୍ରେମ ଏବଂ ପ୍ରଭୁଙ୍କ ସତ୍ୟତା ଆମ୍ଭମାନଙ୍କ ହୃଦୟରେ ତାହା କରିବାକୁ ବୋଝ ଦିଏ ।

ଆମ୍ଭେମାନେ ଯେତେବେଳେ ଆମ୍ଭର ହୃଦୟଗୁଡିକୁ ପ୍ରଭୁଙ୍କ ନିମନ୍ତେ ଖୋଲିଥାଉ, ତଦ୍ୱାରା ବୋଝଗ୍ରସ୍ତ ପ୍ରାର୍ଥନାଗୁଡିକ ଆମ୍ଭ ନିକଟକୁ ଆସିଥାଏ । ଯେପରି ଅସୱାଲଡ ସେଣ୍ଡରସ କହନ୍ତି, "ଯେତେବେଳେ ପ୍ରଭୁ ଆମ୍ଭମାନଙ୍କ ହୃଦୟକୁ ବୋଝ ସହ ପ୍ରାର୍ଥନା କରିବାର ଭାର ଦିଅନ୍ତି, ସେ ନିଶ୍ଚିତ ଭାବରେ ଆମ୍ଭମାନଙ୍କର ପ୍ରାର୍ଥନାର ଉତ୍ତର ଦେବା ନିମନ୍ତେ ଏହା କରନ୍ତି ।" ତେଣୁ ଏକ ଉତ୍ତମ ବୋଝ ବୋହିବା ନିମନ୍ତେ ସରଳ ମନୋଭାବ ସହ ଯେଉଁପର୍ଯ୍ୟନ୍ତ ପ୍ରଭୁ ସେହି ପ୍ରାର୍ଥନା ବୋଝଟି ଆମ୍ଭ ହୃଦୟରୁ ଅପସାରଣ ନ କରିଛନ୍ତି ସେପର୍ଯ୍ୟନ୍ତ ଆମ୍ଭକୁ ପ୍ରାର୍ଥନାରେ ଲାଗି ରହିବା ଉଚିତ୍ । ଆମ୍ଭେ ଯେତେବେଳେ ଆତ୍ମାଙ୍କ ଦ୍ୱାରା ବୋଝ ପାଇଥାଉ, ଆମେ ବିଶ୍ୱସ୍ତତା ସହ ତାହା ପୂରଣ କରିବା ଉଚିତ୍ । ଯଦି ଆମ୍ଭେ ଆମ୍ଭର ହୃଦୟଗୁଡିକୁ ଶକ୍ତ କରିବା ଏବଂ ପ୍ରଭୁଙ୍କ ଦତ୍ତ ବୋଝଟିକୁ ପ୍ରାର୍ଥନା ଦ୍ୱାରା ମୁକ୍ତ ନ କରିବା ତାହା ହେଲେ ପ୍ରଭୁ ସେହି ବୋଝଟିକୁ ଆମ୍ଭଠାରୁ ନେଇ ଯାଇଥାନ୍ତି ।

ଯେତେବେଳେ ପ୍ରଭୁ ଆମ୍ଭ ଉପରେ ବୋଝ ଭାରୀ କରନ୍ତି ଆମ୍ଭେ ତୀବ୍ରତା ଏବଂ ଅତ୍ୟାବଶ୍ୟକତା ଅନୁଭବ କରିବୁ । ଆବଶ୍ୟକତା ସହ ଯେତେ ଅଧିକ ଆମେ ପୂର୍ଣ୍ଣ ହେବୁ, ସେତେ ଅଧିକ ଏହାକୁ ଅନୁଭବ କରିବୁ । ବୋଝ ନିମନ୍ତେ ପ୍ରାର୍ଥନା ଆମ୍ଭକୁ ଅତି ଗଭୀର ଭାବେ ପରିବର୍ତ୍ତନ କରିବ । ମୋହର ଲୋତକ ଦିବାରାତ୍ରୀ ମୋହର ଭକ୍ଷ୍ୟ ହୋଇଅଛି ।ଗୀତ ୪୨:୩ । ତୁମ୍ଭେ ଆପଣା ପାତ୍ରରେ ଆମ୍ଭର ନେତ୍ର ଜଳ ରଖ (୫୬:୮)ଏହା ଈଶ୍ୱରଙ୍କଠାରେ ଏକ ଶକ୍ତିଶାଳୀ ଦାବି । "ସଦାପ୍ରଭୁ ଭଗ୍ନାନ୍ତଃକରଣ-ମାନଙ୍କର ନିକଟବର୍ତ୍ତୀ ଅଟନ୍ତି ଓ ସେ ଚୂର୍ଣ୍ଣମନାମାନଙ୍କୁ ତ୍ରାଣ କରନ୍ତି ।"ଗୀତ(୩୪:୧୮)

ବୋଝ ବିନା ପ୍ରାର୍ଥନା ଏକ ବନ୍ଧୁକ ବିନା ଗୁଳି ସହ ସମାନ ଅଟେ । କିନ୍ତୁ ଆମେ ଯେତେବେଳେ ଭାରଗ୍ରସ୍ତ ସହ ପ୍ରାର୍ଥନା କରିଥାଉ ଆମ୍ଭ ହୃଦୟର କ୍ରନ୍ଦନ ପ୍ରଭୁଙ୍କଠାରେ ପହଞ୍ଚିଥାଏ ଏବଂ ସେ ଆମ୍ଭ ପ୍ରତି କର୍ଣ୍ଣପାତ କରନ୍ତି । ଏହି ସମୟ-ଗୁଡିକରେ ପ୍ରଭୁ ପୃଥିବୀରେ ଥିବା ତାଙ୍କର ଲୋକମାନଙ୍କର ସହଯୋଗ ଚାହାନ୍ତି, ଆମେ ମଧ୍ୟ ବୋଝ ସହ ପ୍ରାର୍ଥନା କରି ତାଙ୍କ ସହ ସହଯୋଗ କରିବା ଉଚିତ୍ । ତାହାଙ୍କ ଇଚ୍ଛାକୁ କାର୍ଯ୍ୟକାରି କରିବା ନିମନ୍ତେ ଏକ ପଥ ପ୍ରସ୍ତୁତ ହେଉ ।

- ଜେ.ଜେ.ହାରିସ (ଯୋଗାଯୋଗ ବିଭାଗ)

REGIONAL MOBILIZATION OFFICE

**Rev.Hemant Kumar**
Plot No - 2/292
LANE NO- 7
SATYA SAI ENCLAVE
NEAR AMRI HOSPITAL
KHANDAGIRI
BHUBANESWAR - 751030
cell: 891742 2201

Mr.Fanindra Ku. Behera
District Co - Ordinator
Gautam Nagar, Plot - 19
Bhubaneswar - 751014
Cell: 9437473953

ମିତ୍ର ସୁସମାଚାର ପ୍ରାର୍ଥନା ଦଳ ଭାରତ ବର୍ଷରେ ସୁସମାଚାର ପ୍ରସାରିତ ନ ହୋଇଥିବା ଲୋକ ଦଳ ନିକଟରେ ଯୀଶୁଖ୍ରୀଷ୍ଟଙ୍କ ଶୁଭବାର୍ତ୍ତା ପହଞ୍ଚାଉଥିବା ଏକ ଭାରତୀୟ ସଂସ୍ଥା ।

ମିତ୍ର ସୁସମାଚାର ପ୍ରାର୍ଥନା ଦଳ ସୁସମାଚାର ପ୍ରଚାର କାର୍ଯ୍ୟରେ ମଣ୍ଡଳୀଗୁଡ଼ିକର ସହ କାର୍ଯ୍ୟ କରେ ।

ମିତ୍ର ସୁସମାଚାର ପ୍ରାର୍ଥନା ଦଳ ବିଭିନ୍ନ ଲୋକଦଳ ମଧ୍ୟରେ ସୁସମାଚାର ପ୍ରଚାର କରିଥାଏ ।

ମିତ୍ର ସୁସମାଚାର ପ୍ରାର୍ଥନା ଦଳ ସମସ୍ତ ମଣ୍ଡଳୀ, ସଂସ୍ଥା, ପରିବାର ଏବଂ ବ୍ୟକ୍ତି ବିଶେଷଙ୍କଠାରୁ ପ୍ରାର୍ଥନା ଓ ସାହାଯ୍ୟ କାମନା କରେ ।

## ଫ୍ରେଣ୍ଡସ୍ ଫୋକସ

ଏହା ଫ୍ରେଣ୍ଡସ୍ ମିଶନାରୀ ପ୍ରେୟାର ବ୍ୟାଣ୍ଡ (FMPB)ର ଏକ କାର୍ଯ୍ୟକାରୀ ଅଙ୍ଗ । ଏଫଏମ୍‌ପିବି ହେଉଛି ଏକ ସ୍ୱଦେଶୀ ମିଶନେରୀ ଜାଗରଣ, ଏହା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ସୁସମାଚାର ଭାରତର ଅପହଞ୍ଚ ଲୋକମାନଙ୍କ ନିକଟରେ ପହଞ୍ଚିଥାଏ ।

ଦେଶସାରା ମଣ୍ଡଳୀ ଗଠନ କରିବାକୁ ମଣ୍ଡଳୀର ଏକ ବାହୁ ରୂପେ ଏଫଏମ୍‌ପିବି କାର୍ଯ୍ୟ କରେ । ବିଭିନ୍ନ ଲୋକଦଳ ମଧ୍ୟରେ ସମ୍ପୂର୍ଣ୍ଣ ସୁସମାଚାର ପ୍ରଚାର କାର୍ଯ୍ୟ ମଧ୍ୟ ଏଫଏମପିବି କରେ । ଏଫଏମ୍‌ପିବି କାର୍ଯ୍ୟ ନିମନ୍ତେ ପ୍ରାର୍ଥନା ଓ ସହାୟତା କରିବାକୁ ଏହା ମଣ୍ଡଳୀ, ଅନୁଷ୍ଠାନ, ପରିବାର ଓ ବ୍ୟକ୍ତି ବିଶେଷଙ୍କୁ ଆମନ୍ତ୍ରଣ ଜଣାଏ ।

ଆପଣଙ୍କ ଟିପ୍ପଣୀ, ଉପଦେଶ ଓ ଅନୁରୋଧ ନିମନ୍ତେ ନିମ୍ନ ଇ - ମେଲ ଠିକଣାକୁ ଲେଖନ୍ତୁ:feedbackfmpb@gmail.com

ସମ୍ପାଦକ ଏବଂ ପ୍ରକାଶକ
ଆଚାର୍ଯ୍ୟ ସୁଦର୍ଶନ ଥୋମାସ୍

# ମିତ୍ର ସମାଚାର

ମିତ୍ର ସମାଚାର ମାସିକ ପତ୍ରିକା

| ମୂଲ୍ୟ | ଭାରତ | ବିଦେଶ |
| --- | --- | --- |
| ବାର୍ଷିକ | ଟଙ୍କା୧୦୦ | ଟଙ୍କା୬୦୦ |
| ଜୀବନ ସାରା | ଟଙ୍କା୧୫୦୦ | ଟଙ୍କା ୫,୦୦୦ |

H.Q: 29, High School Road, Ambattur,
Chennai - 600 053
Tel: +91-44-2657 0404 Fax: 2657 3353
Cell: 9444394342
E-mail: info@fmpb.org
Web site: www.fmpb.co.in

**Layout and Preparation:**
Communication Dept., fmpb

# ସାଧାରଣ ସମ୍ପାଦକଙ୍କଠାରୁ...



ପ୍ରିୟ ବନ୍ଧୁଗଣ, ଯେଉଁମାନେ ଉଚ୍ଚତର ଯୋଜନାର ପଶ୍ଚାତଧାବନ କରୁଛନ୍ତି,

ଚଳିତ ଆର୍ଥିକ ବର୍ଷର ଶେଷ ସମୟରେ ଏହି ସମ୍ପାଦକୀୟ ମାଧ୍ୟମରେ ମୁଁ ଆପଣଙ୍କ ସହ ମିଳିତ ହେଉଛି ଯେ ନୂତନ ଲକ୍ଷ୍ୟ, ଯୋଜନା ଏବଂ ଆଶା ସହ ଆମେ ଏକ ନୂତନ ଆର୍ଥିକ ବର୍ଷରେ ପଦାର୍ପଣ କରିଛୁ । ଯେତେବେଳେ ଆମ୍ଭେମାନେ ବିଗତ ଦିନଗୁଡ଼ିକୁ ସ୍ମରଣ କରୁ, ଈଶ୍ୱରଙ୍କ, ଚାଳନା, ଆଶୀର୍ବାଦ ଏବଂ ଏଫଏମପିବିର ଭବିଷ୍ୟତ୍ ବ୍ୟବସ୍ଥା ନିମନ୍ତେ ଈଶ୍ୱରଙ୍କଠାରେ ଆମର ହୃଦୟ କୃତଜ୍ଞତାରେ ଭରିଯାଏ । ତାହାଙ୍କ ବିଶ୍ୱସ୍ତତା ଏବଂ ପ୍ରେମ ପ୍ରତିବଦଳରେ ଆମ୍ଭେମାନେ କ'ଣ ଦେଇପାରିବା । ଏଫଏମପିବିର ସମସ୍ତ ଷ୍ଟାଫ, ଅବୈତନିକ ସେକ୍ରେଟେରୀଗଣ, ପ୍ରାର୍ଥନା ଦଳର ନେତାମାନେ, ଆପଣଙ୍କ ପ୍ରାର୍ଥନା ସଙ୍ଗତର ସଭ୍ୟମାନଙ୍କ ପାଇଁ ଏବଂ ୧୨ମାସରେ ଏଫଏମପିବିକୁ ସପୋର୍ଟ କରିଥିବା ସଭ୍ୟଙ୍କୁ ଧନ୍ୟବାଦ ଜଣାଇବା ମୋର ବିବେକ ଆଧାରିତ କର୍ତ୍ତବ୍ୟ ଅଟେ । ଆପଣମାନଙ୍କର ନିରବିଚ୍ଛିନ୍ନ ପ୍ରାର୍ଥନା ଦ୍ୱାରା ସୁଖ ଏବଂ ଦୁଃଖରେ ଆମ୍ଭ ସହ ଜଡିତ ହୋଇ ରହିଛନ୍ତି ।

**ଅତଏବ, ହେ ମୋହର ପ୍ରିୟ ଭାଇମାନେ, ପ୍ରଭୁଙ୍କ ସେବାରେ ତୁମ୍ଭମାନଙ୍କ ପରିଶ୍ରମ ନିଷ୍ଫଳ ନୁହେଁ, ଏହା ଜାଣି ପ୍ରଭୁଙ୍କ କାର୍ଯ୍ୟରେ ସୁସ୍ଥିର ଓ ଅଟଳ ରହି ସର୍ବଦା ଅଧିକରୁ ଅଧିକତର ଯତ୍ନବାନ ହୁଅ ।**
(୧ମ କରନ୍ଥୀୟ ୧୫:୫୮)

## ଆନନ୍ଦରେ ଦେବା:

ଜଣେ ସପୋର୍ଟରଙ୍କ ପରିବାରକୁ ୨୫ତାରିଖ ଜାନୁଅରୀ ୨୦୨୨ରେ ଅବୈତନିକ ଆଞ୍ଚଳିକ ସେକ୍ରେଟେରୀଙ୍କ ଦ୍ୱାରା ମୋତେ ପରିଦର୍ଶନ ନିମନ୍ତେ ନିମନ୍ତ୍ରଣ କରାଯାଇଥିଲା । ମୋତେ ଆଶ୍ଚର୍ଯ୍ୟ କଲା ଭଳି ଭଉଣୀ ୯ଟିପୂର୍ବକାଳର ସ୍ୱର୍ଣ୍ଣ ଅଳଙ୍କାର ଈଶ୍ୱରଙ୍କ ସେବାକାର୍ଯ୍ୟ ନିମନ୍ତେ ମୋତେ ପ୍ରଦାନ କଲେ । ଦୁଇଟି ବିଷୟ ମୋର ହୃଦୟକୁ ସ୍ପର୍ଶ କରିଥିଲା; ପ୍ରଥମଟି ଦାନକାରୀ ଜଣେ ପ୍ରାର୍ଥନା ଦଳର ନେତାଙ୍କ ଝିଅ ଏବଂ ପିଢୀ ପରେ ପିଢୀ ସେମାନେ ଏଫଏମପିବି ସହିତ ଜଡିତ ରହିଛନ୍ତି ଏବଂ ଦ୍ୱିତୀୟଟି ସେ କଣ କହିଲେ । ସେ କହିଲେ କରୋନା କାରଣରୁ କିଛି ଆବଶ୍ୟକ ଖର୍ଚ୍ଚ କମି ଯାଇଛି ଏବଂ ସେ ଈଶ୍ୱରଙ୍କୁ ଉତ୍ସର୍ଗ କରିପାରିବ । ଆନନ୍ଦିତ ଦାତାଙ୍କ ନିମନ୍ତେ ପ୍ରଭୁ ପ୍ରସନ୍ନ ହୁଅନ୍ତି ।

## ମିଟିଙ୍ଗଗୁଡ଼ିକ:

ପରିଚାଳନା କମିଟି ମିଟିଙ୍ଗ ଜାନୁଆରୀ ୨୧ ତାରିଖ ଏବଂ ୨୨ତାରିଖରେ ଅନୁଷ୍ଠିତ ହୋଇଥିଲା ଏବଂ ପ୍ରଭୁ ସେବାକାର୍ଯ୍ୟର ବୃଦ୍ଧି ନିମନ୍ତେ ବହୁ ନିଷ୍ପତ୍ତି ନେବାରେ ଆମ୍ଭକୁ ସାହାଯ୍ୟ କଲେ ଏବଂ ଚଳାନା ପ୍ରଦାନ କଲେ । ୨୯ତାରିଖ ଜାନୁଆରୀ ମାସରେ, ମୁଁ ଉତ୍ତର ଚେନ୍ନାଇ ଅଞ୍ଚଳର କିଛି ନେତାଗଣ ସହ ତାମିଲ ନାଡୁ ଏବଂ ପଣ୍ଡି ଡିଭିଜନର ସେକ୍ରେଟେରୀ ଏବଂ ଉତ୍ତର ଚେନ୍ନାଇର ଆଞ୍ଚଳିକ ସେକ୍ରେଟେରୀଙ୍କ ସହ ତାଙ୍କ କଥା ଶୁଣିବାକୁ ଏବଂ ସେମାନଙ୍କ ସହ ପ୍ରାର୍ଥନା କରିବାକୁ ପରିଦର୍ଶନରେ ଯାଇଥିଲି । ଆର୍ଥିକ ପରିଚାଳନା କମିଟି ୫ତାରିଖ ଫେବୃଆରୀ ମାସରେ ଅନୁଷ୍ଠିତ ହୋଇଥିଲା । ହୁବଳି ଅଞ୍ଚଳ: ୩୧ତାରିଖ ଜାନୁଆରୀ ମାସରେ, କୋଳାଥୁର, ଚେନ୍ନାଇ ମୋବିଲାଇଜେସନ ଟିମ ସହ, ମୁଁ କର୍ଣ୍ଣାଟକ ହୁବଳି ଅଞ୍ଚଳର ଲକ୍ଷମେଶ୍ୱରକୁ ପ୍ରାର୍ଥନା ଏବଂ ମଣ୍ଡଳୀ - ଆଧାରିତ ଟ୍ରେନିଙ୍ଗ କେନ୍ଦ୍ର କାର୍ଯ୍ୟକୁ ଆରମ୍ଭ କରିବାକୁ ଯାଇଥିଲୁ । ଅଧିକ ଉତ୍ସାହ ଏବଂ ଦୂରଦୃଷ୍ଟି ସହ ପରିଦର୍ଶନକୁ ଆୟୋଜିତ କରିଥିବାରୁ ମୁଁ କୋଳାଥୁର ଟିମକୁ ଧନ୍ୟବାଦ ଦେଉଛି ।

## ଜାତୀୟ ଯୋଜନା ସମ୍ମିଳନୀ ୨୦୨୨:

ଜାତୀୟ ଯୋଜନା ସମ୍ମିଳନୀ ୨୦୨୨ରେ ପ୍ରଭୁ ଆଶାଠାରୁ ଅଧିକ ଆଶୀର୍ବାଦ କରିଥିଲେ। ମହାମାରୀ କାରଣରୁ, ସେଠାରେ କାର୍ଯ୍ୟକ୍ରମ ଆୟୋଜନ କରିବାର ଅନିଶ୍ଚିତା ରହିଥିଲା। କାର୍ଯ୍ୟକ୍ରମ ହେବାର କେବଳ ୧୦ଦିନ ପୂର୍ବରୁ ନିଷ୍ପତ୍ତି ନିଆଯାଇ ସ୍ଥିର କରାଗଲା ଯେ ୧୨ତାରିଖ ଏ୧୯ ୧୩ତାରିଖ ୨୦୨୨ରେ ମିଟିଙ୍ଗଅନୁଷ୍ଠିତ ହେବ। ଏକସଙ୍ଗରେ ୧୮୯ ମିଶନାରୀଗଣ ଏବଂ ପ୍ରାର୍ଥନା ଦଳ ନେତାମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଏବଂ ଏଫଏମପିବି ସମ୍ବନ୍ଧୀୟ ଏବଂ ଭବିଷ୍ୟତ୍ ସେବାକାର୍ଯ୍ୟ ବିଷୟରେ ଆଲୋଚନା କରାଯାଇଥିଲା ଏବଂ ଉପଯୋଗୀ ପରାମର୍ଶ ଦିଆଯାଇଥିଲା। ଉତ୍ତର ଭାରତ ସମେତ ବିଭିନ୍ନ ରାଜ୍ୟରୁ ପ୍ରତିନିଧିମାନେ ଆସିଥିଲେ। ବସି ରିପୋର୍ଟିଂ ଏବଂ କଥାବାର୍ତ୍ତା ଦ୍ୱାରା ଈଶ୍ୱରଙ୍କ ସାହାଯ୍ୟରେ ଆସୁଥିବା ଆର୍ଥିକ ବର୍ଷରେ ନିମ୍ନଲିଖିତ ଅଧିକ ଗୁରୁତ୍ୱଦେବା ଅଞ୍ଚଳଗୁଡିକୁ ଚିହ୍ନିତ କରାଯାଇଥିଲା ।

## ମୋବିଲାଇଜେସନ ଯେଉଁ ସମସ୍ତ ବିଷୟ ପ୍ରତି ଗୁରୁତ୍ୱ ଦେବେ:

୧. ଏଫଏମପିବିର ପ୍ରତି ସପୋର୍ଟରମାନଙ୍କର ସମ୍ପୃକ୍ତି ସହ ଏଫଏମପିବିର ଦର୍ଶନକୁ ଭାରତର ପ୍ରତି ଖ୍ରୀଷ୍ଟିୟାନମାନଙ୍କ ନିକଟକୁ ନେଇଯିବା। ଭାରତର ଯେଉଁ ସବୁ ମଣ୍ଡଳୀଗୁଡ଼ିକରେ ବର୍ତ୍ତମାନ ଯାଏ ପ୍ରାର୍ଥନା ଦଳ ସଂଘଟିତ ହୋଇ ନାହିଁ, ଏଫଏମପିବି ସପୋର୍ଟରମାନେ ପ୍ରାର୍ଥନା ସହକାରେ ସେହି ମଣ୍ଡଳୀଗୁଡିକରେ ପ୍ରାର୍ଥନା ସେଲ ଆରମ୍ଭ କରିବା ଉଚିତ୍।

୨. ବର୍ତ୍ତମାନ ପ୍ରାର୍ଥନା ଦଳର ନେତାମାନେ ଆବଶ୍ୟକତା ପାଇଁ ପ୍ରାର୍ଥନା ଦ୍ୱାରା ପ୍ରତି ପ୍ରାର୍ଥନା ଦଳରେ ନୂଆ ନେତାମାନଙ୍କୁ ଉଠାଇବେ, ଯୁବା ଲୋକମାନଙ୍କୁ ଚିହ୍ନିତ କରିବେ, ସେମାନଙ୍କୁ ତାଲିମ ଦେବେ ଏବଂ ସେବାକାର୍ଯ୍ୟରେ ପ୍ରତିଷ୍ଠିତ କରାଇବେ।

୩. ଈଶ୍ୱରଙ୍କ ବାକ୍ୟ ସହ ଆମ୍ଭ ସପୋର୍ଟରମାନଙ୍କୁ ବଳିଷ୍ଠ କରିବେ।

## କ୍ଷେତ୍ର ଯେଉଁ ସମସ୍ତ ବିଷୟ ପ୍ରତି ଗୁରୁତ୍ୱ ଦେବେ:

ଈଶ୍ୱରଙ୍କ ସୁସମାଚାର ଅତ୍ୟଧିକ ଭାବରେ ପ୍ରଚାର କରାଯିବା ନିମନ୍ତେ, ସେବାକାର୍ଯ୍ୟକୁ ମିଶନେରୀ କ୍ଷେତ୍ରଗୁଡିକରେ ଶୀଘ୍ର ପ୍ରତିଫଳିତ ହେବ।

କ୍ଷେତ୍ର ବିଶ୍ୱାସୀମାନେ ବାଇବଲ ଷ୍ଟଡି ଦଳ ଦ୍ୱାରା ଈଶ୍ୱରଙ୍କ ବାକ୍ୟର ଗଭୀରତାକୁ ଅନୁଭବ କରିବେ।

## ମୁଖ୍ୟାଳୟଗୁଡିକ ଯେଉଁ ବିଷୟ ପ୍ରତି ଗୁରୁତ୍ୱ ଦେବେ:

ମୁଖ୍ୟାଳୟର ପ୍ରତି ବିଭାଗରେ ବିଶେଷ କାର୍ଯ୍ୟ ଲକ୍ଷ୍ୟ ସ୍ଥାପନ କରାଯିବ ଉଭୟ ଦୀର୍ଘକାଳୀନ ଏବଂ ସ୍ୱଳ୍ପକାଳୀନ ଯୋଜନା ପ୍ରସ୍ତୁତ କରାଯିବ।

ଆଗ୍ରହୀ ମିଶନେରୀଗଣ ଏବଂ ପ୍ରାର୍ଥନା ଦଳର ନେତାଗଣଙ୍କ ନିମନ୍ତେ ମୁଁ ଆପଣ ସମସ୍ତଙ୍କୁ ପ୍ରାର୍ଥନା କରିବାକୁ ଅନୁରୋଧ କରୁଛି ଯେ ଉଲ୍ଲେଖ କରାଯାଇଥିବା ଏବଂ ଲାଗୁ କରାଯାଇଥିବା ଅଞ୍ଚଳଗୁଡିକରେ ଈଶ୍ୱରଙ୍କ ଗୌରବ ନିମନ୍ତେ ବିଶ୍ୱସ୍ତ ସହକାରେ କାର୍ଯ୍ୟ କରିବେ।

## ଆସନ୍ତା କାର୍ଯ୍ୟକ୍ରମଗୁଡିକ:

ଜାତୀୟ ନେତାମାନଙ୍କ ପରାମର୍ଶ କରିବା ପ୍ରକ୍ରିୟାର ଯୋଜନା ମୁମ୍ବାଇ ଅନୁଷ୍ଠିତ ହେବ। ତ୍ରୀଚି ଏବଂ ତାଞ୍ଜର ଡାଓସିସର ବିଶପ ସହ ଡାଓସିଅନ ଅଫିସ ପଦାଧିକାରୀମାନେ ଝାରଖଣ୍ଡର ସାନ୍ତାଳ ଏବଂ ମାଲଟୋ ଲୋକଦଳର ବିଶ୍ୱାସୀମାନଙ୍କୁ ପରିଦର୍ଶନ କରିବା ଏବଂ କିଛି ମିଟିଙ୍ଗରେ ଯୋଗ ଦେବାର ଯୋଜନା ରହିଛି। ମୁଖ୍ୟାଳୟର ଷ୍ଟାଫ ରିଟ୍ରିଟ୍ କନ୍ୟାକୁମାରୀଠାରେ ୪ତାରିଖରୁ ୬ତାରିଖ ମାର୍ଚ୍ଚରେ ଅନୁଷ୍ଠିତ ହେଉଛି। ଦୟାକରି ପ୍ରାର୍ଥନା କରନ୍ତୁ ଯେ ମିଟିଙ୍ଗଟି ସମସ୍ତ ଅଂଶଗ୍ରହଣକାରୀମାନଙ୍କ ନିମନ୍ତେ ଆଶୀର୍ବାଦିତ ହେବ।

ଈଶ୍ୱରଙ୍କ ମିଶନରେ ଆପଣଙ୍କର ସାମୟିକ ସାଥୀ



ଆଚାର୍ଯ୍ୟ ଜନ ବର୍ଲିନ ଏସ.

# ସାଧୁ ପାଉଲଙ୍କ ପ୍ରାର୍ଥନାର ଶିଖର



ପ୍ରାର୍ଥନା ହେଉଛି ଜଣେ ବିଶ୍ୱାସୀର ମୂଳ ଆଧାର । ନୂତନ ନିୟମରେ ଯୀଶୁଖ୍ରୀଷ୍ଟ ହେଉଛନ୍ତି ପ୍ରାର୍ଥନାର ଆଦର୍ଶ ନିଦର୍ଶନ । ଯୀଶୁ ଶିଖାଇଥିବା ପ୍ରଭୁଙ୍କ ପ୍ରାର୍ଥନା(ମାଥିଉ୬:୯:୧୩) ଏବଂ ମହାଯାଜକୀୟ ପ୍ରାର୍ଥନା (ଯୋହନ୧୭) ହେଉଛି କେତୋଟି ଉଲ୍ଲେଖ ଉଦାହରଣ । ଯୀଶୁ ଖ୍ରୀଷ୍ଟଙ୍କ ବ୍ୟତୀତ ସାଧୁପାଉଲ ନୂତନ ନିୟମରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ସାଧୁ ପାଉଲଙ୍କ ଚିଠାଉର ଦୃଢ଼ ଶିକ୍ଷାଗୁଡିକ ଆମକୁ ତାଙ୍କର ପ୍ରାର୍ଥନା ଜୀବନକୁ ଦର୍ଶାଏ । ସେ ତାଙ୍କ ପ୍ରାର୍ଥନାରେ ଅନେକ ପ୍ରାର୍ଥନାଗୁଡିକୁ ଲିପିବଦ୍ଧ କରିଥିଲେ । ତାଙ୍କର ପ୍ରାର୍ଥନା ଆମକୁ ମଧ୍ୟ ସେହିପରି କରିବାକୁ ଉତ୍ସାହିତ ଓ ଶକ୍ତିଯୁକ୍ତ କରେ । ତାଙ୍କର ପ୍ରାର୍ଥନାଗୁଡିକ ବିଶ୍ୱାସୀର ସିଦ୍ଧତା ଆଡକୁ କଢାଏ(୨କରନ୍ଥୀୟ୧୩:୯, ଫିଲିପ୍ପୀୟ୧:୧୧; ୧ମ ଥେସଲନୀକୀୟ୩:୯ - ୧୩; ୧ମତୀମଥି୨:୧୧) ଏଠାରେ ଆମେ କଲସୀୟମାନଙ୍କୁ ଲେଖାଯାଇଥିବା ପତ୍ରରୁ ଏକ ଉଦାହରଣ ଦେଖିବାକୁ ପାଉ । ଏହି ପତ୍ରର ବୈଶିଷ୍ଟତା ହେଉଛି ଏହା ଏକ ପ୍ରାର୍ଥନା ପତ୍ର । ପ୍ରଥମ ଦୁଇଟି ଅଧ୍ୟାୟ ଖ୍ରୀଷ୍ଟିୟ ଶିକ୍ଷା ଓ ତତ୍ୱ ସମ୍ପର୍କିତ ଅଟେ ଏବଂ ଅବଶିଷ୍ଟ ଦୁଇଟି ଅଧ୍ୟାୟ ଜଣେ ବିଶ୍ୱାସୀର ବ୍ୟବହାରିକ ଜୀବନ ବିଷୟରେ ବର୍ଣ୍ଣନା କରେ ।

## ପୁସ୍ତକର ଐତିହାସିକ ପୃଷ୍ଠଭୂମି

କଲସୀୟ ଚିଠାଉଟି ସାଧୁ ପାଉଲଙ୍କ ଦ୍ୱାରା ରୋମରେ ବନ୍ଦୀଥିବା ଅବସ୍ଥାରେ ପ୍ରାୟ ଖ୍ରୀଷ୍ଟାବ୍ଦ ୬୦-୬୨ରେ ଲିଖିତ ହୋଇଥିଲା(ପ୍ରେରିତ୨୮:୧୬-୩୧) । କଲସୀ ଏସିଆ ମାଇନରର ଏକ ଅଗଣୀ ସହର ଥିଲା ଏବଂ ଏଫିସୀ ତଥା ଲାଓଦିକିଆର ନିକଟବର୍ତ୍ତୀ ଥିଲା । ବର୍ତ୍ତମାନ ଏହା ତୁର୍କୀର ଏକ ଅଂଶ ଅଟେ, କିନ୍ତୁ ସହରଟି ନାହିଁ । ସହରଟି ବାଣିଜ୍ୟ, ରଙ୍ଗ କରିବା ଏବଂ ବସ୍ତ୍ର ଉତ୍ପାଦନ ପାଇଁ ପ୍ରସିଦ୍ଧ ଥିଲା । ସାଧୁ ପାଉଲ କେବେ କଲସୀକୁ ପରିଦର୍ଶନ କରି ନଥିଲେ, ତେଣୁ କଲସୀରେ ତାଙ୍କ ଦ୍ୱାରା ଏକ ମଣ୍ଡଳୀ ପ୍ରତିଷ୍ଠା କରିବାର କୌଣସି ସମ୍ଭାବନା ନ ଥିଲା । ଅଧିକାଂଶ ଐତିହାସିକ ବିଶ୍ୱାସ କରନ୍ତି ଯେ, କଲସୀରେ ଥିବା ମଣ୍ଡଳୀ ସାଧୁ ପାଉଲଙ୍କ ଶିଷ୍ୟ ଇପାଫ୍ରାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା(କଲସୀୟ୧:୭) ।

## ଏହି ପ୍ରାର୍ଥନା ପତ୍ରଟିକୁ ଲେଖିବାର କାରଣ:

ଇପାଫ୍ରାସ୍ ସାଧୁ ପାଉଲଙ୍କ ନିକଟକୁ ଏହି ଖବର ଆଣିଥିଲେ(ରୋମରେ ବନ୍ଦୀ ଅବସ୍ଥାରେ ଥିବା ସମୟରେ) ଏବଂ ସେ କଲସୀରେ ମଣ୍ଡଳୀର ଉନ୍ନତି ପାଇଁ କିଛି ପରାମର୍ଶ ମାଗିଥିଲେ । ମଣ୍ଡଳୀରେ କିଛି ଉତ୍ସାହଜନକ ବିଷୟଗୁଡିକ ଥିଲା -

କ) ସାଧୁମାନଙ୍କ ପ୍ରତି ପ୍ରେମ (କଲସୀୟ୧:୪)
ଖ) ବୃଦ୍ଧି ଲାଭ କରୁଥିବା ଫଳ (କଲସୀୟ୧:୬)
ଗ) ଉତ୍ତମ ବିଶ୍ୱାସ (କଲସୀୟ୨:୫)

କିନ୍ତୁ ସେଠାରେ କିଛି ସମସ୍ୟା ମଧ୍ୟ ରହିଥିଲା (କଲସୀୟ୩:୫-୭) ଯଥା:

କ) ଯିହୁଦୀ ଓ ଗ୍ରୀକମାନଙ୍କ ମଧ୍ୟରେ ଭୁଲ ବୁଝାମଣା
ଖ) ଅପବିତ୍ର ଜୀବନଯାପନ
ଗ) ମିଥ୍ୟା ଶିକ୍ଷା (ଭ୍ରାନ୍ତ ଶିକ୍ଷା)

ଏହା ପ୍ରାୟ ବର୍ତ୍ତମାନର ସମୟକୁ ପ୍ରତିଫଳିତ କରିଥାଏ ଏବଂ ଲେଖକଙ୍କ ଉଦ୍ଦେଶ୍ୟ ହେଉଛି ଆରମ୍ଭରୁ ସମସ୍ୟାରୂପି କଢଟିକୁ ନଷ୍ଟ କରିବା ନ ହେଲେ ତାହା ସମ୍ପୂର୍ଣ୍ଣ ବିକଶିତ ଫୁଲ ହେଲାପରେ ତାକୁ ସମାଧାନ କରିବା କଷ୍ଟକର ହୋଇପାରେ । "ମନ୍ଦ ଗଛର ଚେର ଅଙ୍କୁର ହେବା ସମୟରେ ହିଁ ତାକୁ ବାହାର କରିଦେବା ଉଚିତ୍" । ତେଣୁ ସେ ମଣ୍ଡଳୀକୁ ନ ଦେଖିଥିଲେ ମଧ୍ୟ କଲସୀରେ ଥିବା ମଣ୍ଡଳୀ ପାଇଁ ଗଭୀର ପ୍ରେମ ଓ ଚିନ୍ତାର ସହ ଏକ ପ୍ରାର୍ଥନା ପତ୍ର ଲେଖିଥିଲେ ।

## ସାଧୁ ପାଉଲଙ୍କ ପ୍ରାର୍ଥନା:

**କ) "ସମ୍ପୂର୍ଣ୍ଣ ରୂପେ ଈଶ୍ୱରଙ୍କ ଅଭିମତ ଜ୍ଞାତ ହୋଇ ସମସ୍ତ ଆତ୍ମିକ ଜ୍ଞାନ ଓ ବୁଦ୍ଧିରେ(ଫଳବାନ ହେବା) (କଲସୀୟ୧:୯-୧୦)**

ଜ୍ଞାନ କଣ ?

ଗ୍ରୀକ୍ ଶବ୍ଦ - ଏପିନୋସିସ, ତାମିଲ ଶବ୍ଦ - ଜ୍ଞାନମ, ହିନ୍ଦୀ ଶବ୍ଦ - ଜ୍ଞାନ l

ଏହାର ଅର୍ଥ ହେଉଛି ସମସ୍ତ ସୂଚନା / ସତ୍ୟ ଜାଣିବା

ବୁଦ୍ଧି କଣ ?

ବୁଦ୍ଧିର ଗ୍ରୀକ୍ ଶବ୍ଦ - ସୋଫିଆ, ତାମିଲ ଶବ୍ଦ - ବିବେକମ୍, ହିନ୍ଦୀ ଶବ୍ଦ - ବିବେକ l

ଏହାର ଅର୍ଥ ସାଧାରର ଜ୍ଞାନ, ଗୋଟିଏ ସୂଚନା ସତ୍ୟ କି ମିଥ୍ୟା ତାହା ବିଶ୍ଳେଷଣ କରିବା l

ଅଭିମତ ଜ୍ଞାନ କଣ ?

ଗ୍ରୀକ୍ ଶବ୍ଦ - ସୁନେସିସ, ତାମିଲ ଶବ୍ଦ - ଆରିଭୁ, ହିନ୍ଦୀ ଶବ୍ଦ - ସମଝ l

ହାର ଅର୍ଥ ହେଉଛି ଜୀବନର ଉତ୍ପନ୍ନ ହେଉଥିବା ଯେ କୌଣ-ସି ପ୍ରଦତ୍ତ ପରିସ୍ଥିତିରେ ନିୟମ ପ୍ରୟୋଗ କରିବାର କ୍ଷମତା l

ସାଧୁ ପାଉଲ କାହିଁକି ପ୍ରାର୍ଥନା କରନ୍ତି ଯେ, ଜଣେ ବ୍ୟକ୍ତି ସମ୍ପୂର୍ଣ୍ଣ ରୂପେ "ଈଶ୍ୱରଙ୍କ ଅଭିମତ ଜ୍ଞାତ ହୋଇ ସମସ୍ତ ଆତ୍ମିକ ଜ୍ଞାନ ଓ ବୁଦ୍ଧିରେ"(ଫଳବାନ ହେବା ) ହେବା ଆବଶ୍ୟକ ?

ଏହାର କାରଣ ହେଲା, କଲସୀ ଜ୍ଞାନବାଦ (Gnosticim) ଏବଂ ସନ୍ୟାସବାଦର ( Asceticism )ଭ୍ରାନ୍ତ ଶିକ୍ଷା ଗୁଡିକରେ ପରିପୂର୍ଣ୍ଣ ଥିଲା l

ଜ୍ଞାନବାଦ କଣ ?

- ଆତ୍ମା ଭଲ ଏବଂ ଶରୀର ମନ୍ଦ ଅଟେ l
- ଜଗତ ଶୂନ୍ୟରୁ ସୃଷ୍ଟି ହୋଇ ନାହିଁ ଏବଂ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟି ହୋଇ ନାହିଁ l
- ସେମାନେ ବିଶ୍ୱାସ କରନ୍ତି ଯେ ମନୁଷ୍ୟକୁ ଈଶ୍ୱରଙ୍କ ନିକଟରେ ପହଞ୍ଚାଇବାକୁ ସକ୍ଷମ କରୁଥିବା ଜୀବନ ଓ ଚିନ୍ତନରେ ସେମାନେ ଅତ୍ୟନ୍ତ ଜ୍ଞାନୀ ଅଟନ୍ତି l

ସନ୍ୟାସବାଦ କଣ ?

- ଏହା ହେଉଛି ଶାରୀରିକ ଅଭିଳାଷଗୁଡିକୁ ପ୍ରତିରୋଧ କରିବା - ସନ୍ୟାସୀ ଜୀବନ l
- ଖାଦ୍ୟ ଏବଂ ପାନୀୟ ସଂକ୍ରାନ୍ତୀୟ ନିୟମ - କେତୋଟି ଖାଦ୍ୟ ନିଷେଧ ଥିଲା (କଲସୀୟ୨:୧୬)
- 'ଧର ନାହିଁ, ଖାଅ ନାହିଁ ବା ଛୁଅଁ ନାହିଁ' (କଲସୀୟ୨:୨୧)
- ବିଶେଷ ଦିବସ, ପର୍ବ, ରୀତିନୀତି, ପ୍ରତିପଦ ଏବଂ ବିଶ୍ରା-ମବାର ପାଳନ (କଲସୀୟ୨:୧୬)

କଲସୀ ମଣ୍ଡଳୀଟି ଉପରୋକ୍ତ ଜ୍ଞାନବାଦ ଏବଂ ସନ୍ୟାସବାଦର ଶିକ୍ଷକମାନଙ୍କ ହେତୁ ଦ୍ୱନ୍ଦରେ ଥିଲା ଏବଂ ସେମାନେ ଖ୍ରୀଷ୍ଟଙ୍କ ସର୍ବଶ୍ରେଷ୍ଠତା ଉପରେ ସନ୍ଦେହ କରୁଥିଲେ l

ତେଣୁ, ସାଧୁ ପାଉଲ ନିମ୍ନଲିଖିତ ପଦଗୁଡିକରେ ବ୍ୟାଖ୍ୟା କରନ୍ତି l

- ଯୀଶୁଖ୍ରୀଷ୍ଟ ଅଦୃଶ୍ୟ ଈଶ୍ୱରଙ୍କ ପ୍ରତିମୂର୍ତ୍ତି, ସମସ୍ତ ସୃଷ୍ଟିର ପ୍ରଥମଜାତ (କଲସୀୟ୧:୧୫)
- ସମସ୍ତ ତାହାଙ୍କ ଦ୍ୱାରା ଓ ତାହାଙ୍କ ନିମନ୍ତେ ସୃଷ୍ଟ ହୋଇଅଛି (କଲସୀୟ୧:୧୬)
- ତାହାଙ୍କଠାରେ ସମସ୍ତ ପୂର୍ଣ୍ଣତା ବାସ କରେ (କଲସୀୟ୧:୧୯)
- ଖ୍ରୀଷ୍ଟଙ୍କଠାରେ ଜ୍ଞାନ ଓ ବୁଦ୍ଧିରୂପ ସମସ୍ତ ଧନ ନିହିତ ଅଛି(କଲସୀୟ୨:୩)

ଯେତେବେଳେ ଆମେ ଉପରୋକ୍ତ ପଦଗୁଡିକୁ ପଢୁ, ଆମେ ଖ୍ରୀଷ୍ଟଙ୍କ ସର୍ବଶ୍ରେଷ୍ଠତାକୁ ବୁଝି ପାରିବା l ଏହା ସହିତ ସେମାନେ ଯୀଶୁଖ୍ରୀଷ୍ଟଙ୍କର ସର୍ବଶକ୍ତିମାନ (ସର୍ବକ୍ଷମ) ଗୁଣ ଉପରେ ମଧ୍ୟ ସନ୍ଦେହ କରୁଥିଲେ, କାରଣ କଲସୀୟ ଭ୍ରାନ୍ତ ଶିକ୍ଷକମାନେ (ମିଥ୍ୟା ଶିକ୍ଷକମାନେ) କହୁଥିଲେ ଯେ ମନ୍ଦ ଆତ୍ମାମାନଙ୍କୁ ପରାସ୍ତ କରିବା ପାଇଁ ଯୀଶୁଖ୍ରୀଷ୍ଟଙ୍କ-ଠାରୁ ଅଧିକ ଶକ୍ତିଶାଳୀ କେହି ଜଣେ ଆବଶ୍ୟକ l ତେଣୁ, ସାଧୁ ପାଉଲ ନିମ୍ନ ଲିଖିତ ପଦଗୁଡିକ ସହିତ ବ୍ୟାଖ୍ୟା କରନ୍ତି ଯେ ଯୀଶୁଖ୍ରୀଷ୍ଟ ସମସ୍ତ ମନ୍ଦଆତ୍ମାଙ୍କଠାରୁ ଅଧିକ ଶକ୍ତିଶାଳୀ l "ଖ୍ରୀଷ୍ଟ ସମସ୍ତ ସିଂହାସନ, ପ୍ରଭୁତ୍ୱ, ଆଧିପତ୍ୟ, କର୍ତ୍ତାପଣଙ୍କ ଅପେକ୍ଷା ଶକ୍ତିଶାଳୀ ଅଟନ୍ତି" (କଲସୀୟ୧:୧୬,୨:୧୦,୨:୧୫) l ସାଧୁ ପାଉଲ ପ୍ରାର୍ଥନା କରନ୍ତି ଯେ, ପ୍ରତ୍ୟେକ ଖ୍ରୀଷ୍ଟିୟାନଙ୍କର ଏହି ଅଭିମତ ଜ୍ଞାନ, ଆତ୍ମିକ ଜ୍ଞାନ ଓ ବୁଦ୍ଧି ରହିବା ଆବଶ୍ୟକ l କିନ୍ତୁ ଆଜି ଅନେକ ପ୍ରଚାରକ ସତ୍ୟକୁ ଲୁଚାନ୍ତି ଏବଂ ବିଶ୍ୱାସୀମାନଙ୍କୁ ଏହି ମହାନ ସତ୍ୟଗୁଡିକୁ ଜ୍ଞାତ ଓ ଅନୁଭବ ନ କରାଇ ସେମାନଙ୍କୁ ଅନ୍ଧକାରରେ ରଖିବାକୁ ଚେଷ୍ଟା କରନ୍ତି l

ଖ) ପ୍ରତ୍ୟେକ ବିଷୟରେ ତାଙ୍କୁ ସନ୍ତୁଷ୍ଟ କର: "ସମସ୍ତ ସତ-କର୍ମର ଫଳରେ ଫଳବାନ ହୁଅ" (କଲସୀୟ୧:୧୦)

ଜ୍ଞାନର ଫଳ ହେଉଛି ଉତ୍ତମ ଆଚରଣ ଏବଂ ଉତ୍ତମ କାର୍ଯ୍ୟ l ମହାତ୍ମାଗାନ୍ଧୀ କହିଛନ୍ତି, "ଚରିତ୍ର ବିନା ଜ୍ଞାନ ଅର୍ଥହୀନ ଅଟେ" l ଆମର ଆତ୍ମିକ ଜ୍ଞାନୋଦୟ ଆମକୁ ପ୍ରଭୁଙ୍କ ଯୋଗ୍ୟ ଆଚରଣ କରିବାକୁ ସକ୍ଷମ କରାଏ l ଏହା ହେଉଛି ସମଗ୍ର ବାଇବଲର ଧର୍ମନିଷ୍ଠ ବିଶ୍ୱାସର ଲକ୍ଷ୍ୟ l ନିଜ ପଡୋଶୀ ନିମନ୍ତେ ଉତ୍ତମ କରିବା ସମୟରେ ଆମେ ଈଶ୍ୱରଙ୍କ ଜ୍ଞାନରେ ବୃଦ୍ଧି ଲାଭ କରୁ l ସେହି ଉଦ୍ଦେଶ୍ୟରେ ଈଶ୍ୱର ଆମକୁ ସୃଷ୍ଟି କରିଛନ୍ତି(୩ଯୋହନ୧୧ପଦ) l ଈଶ୍ୱରଙ୍କ ଜ୍ଞାନରେ ବୃଦ୍ଧି ଲାଭ କରିବା ହେଉଛି ଏକ ଅର୍ନ୍ତନିହିତ କାର୍ଯ୍ୟ

(ହୋଶେୟ୬:୬) ଏବଂ ପ୍ରତ୍ୟେକ ଉତ୍ତମ କାର୍ଯ୍ୟରେ ଫଳବନ୍ତ ହେବା ହେଉଛି ଏକ ବାହ୍ୟ ପ୍ରତିକ୍ରିୟା (ପ୍ରେରିତ୫:୧୬ ଓ ୧ତୀମଥି୬:୧୮)। ଖ୍ରୀଷ୍ଟିୟାନମାନଙ୍କୁ କେବଳ ଉତ୍ତମ ବାକ୍ୟ ଓ କାର୍ଯ୍ୟ ଦ୍ୱାରା ଚିହ୍ନଟ କରାଯିବା ଆବଶ୍ୟକ। ବାକ୍ୟ ଓ କାର୍ଯ୍ୟ ହେଉଛି ମୁଦ୍ରାର ଉଭୟ ପାର୍ଶ୍ୱ ପରି। ଯଦି ଗୋଟିଏ ମୁଦ୍ରାର ଗୋଟିଏ ପାର୍ଶ୍ୱ ନଷ୍ଟ ହୋଇଯାଏ, ତେବେ ଏହାର ମୂଲ୍ୟ ନଷ୍ଟ ହୁଏ। ଏପରିକି ଯେତେବେଳେ ଲୋକମାନେ ଆମ ବିରୁଦ୍ଧରେ ମନ୍ଦକାର୍ଯ୍ୟ କରନ୍ତି, ଆମ ପ୍ରଭୁ ଆମକୁ ସେମାନଙ୍କ ପ୍ରତି ଭଲ କାମ କରିବାକୁ ଆଜ୍ଞା ଦିଅନ୍ତି (ମାଥିଉ୫:୧୬,୪୪ ଲୂକ୬:୩୩-୩୫, ରୋମୀୟ୧୨:୨୧)।

### ଗ) "ସର୍ବ ବିଷୟରେ ଧୈର୍ଯ୍ୟଶୀଳ ଓ ସହିଷ୍ଣୁ ହେବା ନିମନ୍ତେ ତାହାଙ୍କ ଗୌରବର ପରାକ୍ରମ ଅନୁସାରେ ସମସ୍ତ ଶକ୍ତିରେ ଶକ୍ତିଯୁକ୍ତ ହୁଅ" (୧୧ପଦ)

**ଧୈର୍ଯ୍ୟ** (ହୁପୋମୋନେ - ଗ୍ରୀକ୍)ହେଉଛି ଜୀବନରେ ଘଟୁଥିବା ଯେକୌଣସି ବିଷୟର ବିଜୟଭାବ ସହ ମୁକାବିଲା କରିବାର କ୍ଷମତା।

**ସହିଷ୍ଣୁତା** (ମାକ୍ରୋଥୁମିଆ - ଗ୍ରୀକ୍ )ହେଉଛି ହୃଦୟ ଏବଂ ମନର ଗୁଣ ଯାହା ଲୋକମାନଙ୍କୁ କୌଣସି ତିକ୍ତତା ବିନା କ୍ରୁରତାକୁ ସହ୍ୟ କରିବାକୁ ସକ୍ଷମ କରାଏ। ଏହା ଜଣେ ବ୍ୟକ୍ତିକୁ କୌଣସି ପରିସ୍ଥିତିରେ ବିଶ୍ୱାସ ଏବଂ ଭରସା ହରାଇବାକୁ ଦିଏ ନାହିଁ।

**ଆନନ୍ଦ** (ଖାରା - ଗ୍ରୀକ୍) ଯେତେବେଳେ ସବୁକିଛି ଠିକ୍ ଥାଏ ସେତେବେଳେ ଆନନ୍ଦିତ ହେବା ସହଜ, କିନ୍ତୁ ସଂଘର୍ଷ, ଯନ୍ତ୍ରଣା ଏବଂ ଅନ୍ୟାନ୍ୟ ପରିସ୍ଥିତିରେ ମଧ୍ୟ ଜଣେ ଖ୍ରୀଷ୍ଟିୟାନ ଆନନ୍ଦ ପାଇବା ଉଚିତ୍। ସେ ନିମନ୍ତେ ଆତ୍ମିକ ଶକ୍ତି ଆବଶ୍ୟକ ଏବଂ ସେହି ଶକ୍ତି ପ୍ରାର୍ଥନା ମାଧ୍ୟମରେ ଆସେ। ଜଗତରେ ପ୍ରାର୍ଥନା ପରି ବ୍ୟବହାରିକ କିଛି ନୁହେଁ। ପ୍ରାର୍ଥନା ଏବଂ କାର୍ଯ୍ୟ ଏକ ସହିତ ଗମନ କରନ୍ତି। ଆମେ ବାସ୍ତବତାରୁ ରକ୍ଷା ପାଇବା ପାଇଁ ନୁହେଁ ବରଂ ଏହାର ମୁକାବିଲା କରିବା ନିମନ୍ତେ ପ୍ରାର୍ଥନା କରୁ। ଏହା କରିବା ନିମନ୍ତେ ଆମର ପ୍ରାର୍ଥନା ଆବଶ୍ୟକ, ତେଣୁ ସାଧୁପାଉଲପ୍ରାର୍ଥନାକରନ୍ତିଯେପରିକଲସୀୟମାନେଈଶ୍ୱରଙ୍କ ଦ୍ୱାରା ଶକ୍ତିଯୁକ୍ତ ହୋଇ ପାରିବେ। ଆମ ଜୀବନର ବଡ ଆବଶ୍ୟକତା ହେଉଛି ସମସ୍ୟାଗୁଡ଼ିକର ସମାଧାନର ଉପାୟ ଜାଣିବା ଏବଂ ଯଦି ତାହା ମିଳେ ତେବେ ଆମର ସମସ୍ୟାଗୁଡ଼ିକ ସ୍ୱତଃପ୍ରବୃତ୍ତ ଭାବରେ ସମାଧାନ ହୋଇଯିବ। ଆମେ ଆମର ଜ୍ଞାନକୁ ବ୍ୟବହାର କରିବାରେ ସକ୍ଷମ ହେବା ଉଚିତ୍ ଏବଂ ସମସ୍ୟାର ସମାଧାନ ପାଇଁ ତାକୁ ଅଭ୍ୟାସରେ ରଖିବା ଆବଶ୍ୟକ। "ସମସ୍ୟାକୁ ଅତିକ୍ରମ କରିବା ନିମନ୍ତେ ଆମର ଶକ୍ତିର ଆବଶ୍ୟକତା ରହିଛି ଏବଂ ତାହା ପ୍ରାର୍ଥନା ମାଧ୍ୟମରେ ଆସେ"। ଆମର ପ୍ରଭୁ କେବଳ ଆମକୁ ତାଙ୍କ ଇଚ୍ଛା ସାଧନ କରିବାକୁ କୁହନ୍ତି ନାହିଁ ବରଂ ତାଙ୍କ ଇଚ୍ଛା ପାଳନ କରିବାକୁ ଆମକୁ ଶକ୍ତି ଯୋଗାନ୍ତି।

### ଘ) ଈଶ୍ୱରଙ୍କ ରାଜ୍ୟରେ ଉତ୍ତରାଧିକାରୀ ହେବା ନିମନ୍ତେ ଆହୂତ(୧୨-୧୪ପଦ)

ଏହା ହେଉଛି ସେହି ଉପହାର ଯାହା ଈଶ୍ୱର ଆମ୍ଭମାନଙ୍କ ନିମନ୍ତେ ରଖିଅଛନ୍ତି। ଖ୍ରୀଷ୍ଟିୟ ଉତ୍ତରାଧିକାରୀ ହେବା ଆମର ନିଜ ଯୋଗ୍ୟତାରୁ ନୁହେଁ ବରଂ ଈଶ୍ୱରଙ୍କ ଅନୁଗ୍ରହ ଫଳରେ ସମ୍ଭବ। ଉକ୍ତ ଚିଟାଉଟି ଅଭିବାଦନରୁ ଆରମ୍ଭ ହୋଇ ପ୍ରାର୍ଥନା ବିଷୟରେ ଆଲୋକପାତ କରେ ଏବଂ ଧନ୍ୟବାଦ ଅର୍ପଣ ସହିତ ସମାପ୍ତ ହୁଏ। ଉତ୍ତରାଧିକାର କିପରି ହେବ ଆମେ କଳ୍ପନା କରିପାରିବା ନାହିଁ, କାରଣ ଈଶ୍ୱରଙ୍କ ବାକ୍ୟ କୁହେ, "ଚକ୍ଷୁ ଯାହା ଦେଖି ନାହିଁ, କର୍ଣ୍ଣ ଯାହା ଶୁଣି ନାହିଁ, ଆଉ ମନୁଷ୍ୟର ହୃଦୟରେ ଯାହା ଜାତ ହୋଇ ନାହିଁ, ଯେସମସ୍ତ ବିଷୟ ଈଶ୍ୱର ଆପଣା ପ୍ରେମକାରୀ ଲୋକମାନଙ୍କ ନିମନ୍ତେ ପ୍ରସ୍ତୁତ କରିଛନ୍ତି"(୧କରନ୍ଥୀୟ୨:୯)ପାପରୁ କ୍ଷମା ପାଇବା ଏବଂ ଈଶ୍ୱରଙ୍କ ସନ୍ତାନ ଭାବରେ ଗୃହୀତ ହେବା ଆମକୁ ଈଶ୍ୱରଙ୍କ ରାଜ୍ୟର ଅଧିକାରୀ ହେବାକୁ ସକ୍ଷମ କରାଏ।

ସାଧୁ ପାଉଲ କଲସୀୟ ମଣ୍ଡଳୀକୁ କେବେ ପରିଦର୍ଶନ କରି ନଥିଲେ। ମଣ୍ଡଳୀରେ ଥିବା ସମସ୍ୟା ବିଷୟରେ ଶୁଣିବା ପରେ, ସେ ତାଙ୍କ ଆତ୍ମାରେ ବିଗଳିତ ହେଲେ ଏବଂ ସେମାନଙ୍କର ଆଧ୍ୟାତ୍ମିକ ଅଭିବୃଦ୍ଧି ପାଇଁ ପ୍ରାର୍ଥନା କଲେ ତଥା ସେମାନଙ୍କୁ ଈଶ୍ୱରଙ୍କ ରାଜ୍ୟର ଅଧିକାର କରିବାକୁ ଚେଷ୍ଟା କଲେ। ଏହା ଦର୍ଶାଏ ଯେ କେବଳ ନିଜ ଦ୍ୱାରା ପ୍ରତିଷ୍ଠିତ ମଣ୍ଡଳୀଗୁଡ଼ିକ ନୁହେଁ ମାତ୍ର ସମସ୍ତ ମଣ୍ଡଳୀ ନିମନ୍ତେ ତାଙ୍କର ଚିନ୍ତା ଥିଲା। ତେଣୁ ସାଧୁ ପାଉଲଙ୍କ ଏହି ପ୍ରାର୍ଥନାକୁ "ସାଧୁ ପାଉଲଙ୍କ ପ୍ରାର୍ଥନାର ଶିଖର" ଭାବରେ ବିବେଚନା କରାଯାଇପାରେ। ଏହା ଆମ ପାଇଁ ଅନୁକରଣ କରିବା ନିମନ୍ତେ ଏକ ଉତ୍ତମ ଉଦାହରଣ ଅଟେ। ଆମେ ଯେ କେବଳ ନିଜ ମଣ୍ଡଳୀ କିମ୍ବା ଆମ ଦ୍ୱାରା ପ୍ରତିଷ୍ଠିତ ମଣ୍ଡଳୀଗୁଡ଼ିକ ପାଇଁ ପ୍ରାର୍ଥନା କରିବା ତାହା ନୁହେଁ ବରଂ ଅନ୍ୟମାନଙ୍କ ଦ୍ୱାରା ସ୍ଥାପିତ ଅନ୍ୟ ସମସ୍ତ ମଣ୍ଡଳୀଗୁଡ଼ିକ (ଖ୍ରୀଷ୍ଟଙ୍କ କନ୍ୟା) ପାଇଁ ମଧ୍ୟ ପ୍ରାର୍ଥନା କରିବା। ଆମେ ସାଧୁ ପାଉଲଙ୍କ ଦ୍ୱାରା ବିଶ୍ୱ ମଣ୍ଡଳୀ (ଯୀଶୁ ଖ୍ରୀଷ୍ଟଙ୍କ ଶରୀର) ନିମନ୍ତେ ପ୍ରାର୍ଥନା କରିବାକୁ ଉତ୍ସାହିତ ଅଟୁ(ଏଫିସୀୟ୬:୧୮, ୧ମ ତୀମଥି୨:୧)।

ଲେଖକ: ଆଚାର୍ଯ୍ୟ ଏଡୱାର୍ଡ ସେଲଭାରାଜ,
ଡିନ - ଏନଆଇଏମ, ଝାନସୀ
ଅନୁବାଦ - ପାଳକ ଶ୍ରୀ ସୌରଭ ନାଗ

## ଈଶ୍ୱରଙ୍କ ପ୍ରଶଂସା କର

# ଜାତୀୟ ଯୋଜନା ସମ୍ମିଳନୀ ୨୦୨୨











ଉତ୍ତର ଭାରତରୁ ଆସିଥିବା ଅତିଥିଗଣ

ଏହି ବର୍ଷ ୨୦୨୨ ନିମନ୍ତେ ଜାତୀୟ ଯୋଜନା ସମ୍ମିଳନୀ ଫେବୃଆରୀ ମାସ ୧୨ ଏବଂ ୧୩ ତାରିଖ ଚେନ୍ନାଇର ଗୁରୁକୁଳରେ ଅନୁଷ୍ଠିତ ହୋଇଥିଲା । ସମ୍ମିଳନୀର ପ୍ରସଙ୍ଗ " ଉଚ୍ଚତର ଯୋଜନାର ପଶ୍ଚାତଧାବନ କରିବା"(ଯିରିମିୟ୨୯:୧୧) । ନିମନ୍ତ୍ରିତ ବ୍ୟକ୍ତିମାନଙ୍କ ମଧ୍ୟରେ ପୂର୍ଣ୍ଣ ସମୟ ମିଶନେରୀଗଣ, ହନରାରୀ ଷ୍ଟାଫ, ପ୍ରାର୍ଥନା ଦଳର ସଭ୍ୟମାନେ ଏବଂ ନେତାମାନେ ପାଖାପାଖି ୧୮୯ ବ୍ୟକ୍ତିମାନେ ସମଗ୍ର ଦେଶରୁ ଆସି ଏହି ଯୋଜନା ସମ୍ମିଳନୀରେ ଯୋଗ ଦେଇଥିଲେ ।

ଯୋଜନା ସମ୍ମିଳନୀର ପୂର୍ବରୁ, ଫେବୃଆରୀ ୧୧ତାରିଖ ୨୦୨୨ରେ ବାରଘଣ୍ଟିଆ ପ୍ରାର୍ଥନା ସକାଳ୭ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ପ୍ରାୟ ୧୦୦ଜଣ ଏକତ୍ର ଅଂଶ ଗ୍ରହଣ କରିଥିଲେ ଏବଂ ଆମ୍ଭ ସେବାକାର୍ଯ୍ୟ, ଦେଶ ଏବଂ ୨୦୨୨ ଯୋଜନା ସମ୍ମିଳନୀରେ ଆଶୀର୍ବାଦ ସହ ବିଭିନ୍ନ ବିଷୟ ନିମନ୍ତେ ପ୍ରାର୍ଥନା କରିଥିଲେ । ଆଚାର୍ଯ୍ୟ. ସୁଥରସନ ଥୋମାସ, ଏଫଏମପିବିର ପୂର୍ବତନ ସାଧାରଣ ସମ୍ପାଦକ ଈଶ୍ୱରଙ୍କ ବାକ୍ୟ ପ୍ରଦାନ କରିଥିଲେ । ମିଶନ କ୍ଷେତ୍ରମାନଙ୍କର ଡିଭିଜନାଲ ଏବଂ ଜୋନାଲ ସେକ୍ରେଟେରୀମାନେ ପ୍ରାର୍ଥନାର ଗୁରୁତ୍ୱ ବିଷୟଗୁଡିକୁ ସମ୍ମୁଖକୁ ଆଣିଥିଲେ ଏବଂ ମିଶନ କ୍ଷେତ୍ରରେ ବିଭିନ୍ନ ଆହ୍ୱାନ ସଦୃଶ ବିରୋଧ ଏବଂ କୋଭିଡ '୧୯ ଭଳି ଆହ୍ୱାନ ମଧ୍ୟରେ ଈଶ୍ୱରଙ୍କ ଆଶ୍ଚର୍ଯ୍ୟକାର୍ଯ୍ୟମାନର ଚିତ୍ର ଉତ୍ତୋଳନ କରାଯାଇଥିଲା । ଆଚାର୍ଯ୍ୟ ପ୍ରଭାକର ସାରଥୀ, ମୁଖ୍ୟାଳୟର ସେକ୍ରେଟେରୀ ଅଂଶଗ୍ରହଣକାରୀମାନଙ୍କୁ ସମାପ୍ତ ଉଦ୍‌ବବୋଧନ ପ୍ରଦାନ କରିଥିଲେ ।

ଯୋଜନା ସମ୍ମିଳନୀର ପ୍ରଥମ ଦିନ - ୧୨ତାରିଖ ଫେବୃଆରୀ ୨୦୨୨ରେ, ଚେନ୍ନାଇ, ସାଇଦାପେଟର ସଙ୍ଗୀତ ଦଳ ନେତା ଶ୍ରୀ ଇମ୍ମାନୁଏଲଙ୍କ ନେତୃତ୍ୱରେ ଉଦ୍‌ଘାଟନ ସମୟରେ ପ୍ରଶଂସା ଏବଂ ଉପାସନା ଦ୍ୱାରା ଆରମ୍ଭ ହୋଇଥିଲା । ଶ୍ରୀ ସି. ରେଜିନାଲଡ ଏଫଏମପିବିର ସଭାପତି ମୁଖ୍ୟ ଭାଷଣ ପ୍ରଦାନ କରିବା ସହ ସମ୍ମିଳନୀକୁ ପରିଚାଳନା କଲେ । ଆଚାର୍ଯ୍ୟ.ଡଃ. ରୋଜି ଥୋମାସ ଅବ୍ରହାମ, ନୂତନ ନିୟମର ପ୍ରଫେସର, ଏଓଏଆଇଏସିଏସ, ବାଙ୍ଗଲୋର ଯିରିମିୟ ୨୯:୧୧ ପ୍ରସଙ୍ଗ ଉପରେ ବାକ୍ୟ ପ୍ରଦାନ କରିଥିଲେ, ଯଦ୍ୱାରା ଯୋଗଦାନକାରୀମାନେ ମୁଖ୍ୟ ପ୍ରସଙ୍ଗକୁ ପ୍ରାଞ୍ଜଳ ଭାବରେ ବୁଝି ପାରିବେ । ଏଫଏମପିବିର

ସାଧାରଣ ସମ୍ପାଦକ ଆଚାର୍ଯ୍ୟ ଜନ ବର୍ଲିନ, ଅଂଶଗ୍ରହଣକାରୀମାନଙ୍କୁ ୨୦୨୨ - ୨୩ ବର୍ଷ ସେବାକାର୍ଯ୍ୟ ନିମନ୍ତେ ଦିନ ପ୍ରତିଦିନ ମୁଖ୍ୟ ପ୍ରସଙ୍ଗଟିକୁ କାର୍ଯ୍ୟରେ ପରିଣତ କରିବା ନିମନ୍ତେ ଉତ୍ସାହିତ କଲେ ଏବଂ ପ୍ରାର୍ଥନା ସହ ଉଚ୍ଚତର ଯୋଜନାର ପଶ୍ଚାତଧାବନ କରିବା ନିମନ୍ତେ ପ୍ରେରଣା ଦେଲେ । ଡିଭିଜନର ମୁଖ୍ୟ ରିପୋର୍ଟ ଉପସ୍ଥାନ କରିଥିଲେ ଯେଉଁଥିରେ ସବୁକିଛି ସରଳ ଭାବରେ ବର୍ଣ୍ଣନା କରାଯାଇଥିଲା ଯଦ୍ୱାରା, ଅଂଶଗ୍ରହଣକାରୀମାନେ ପ୍ରଭୁଙ୍କୁ ପ୍ରଶଂସା କରିବେ । ଯୋଗଦାନାକରୀମାନେ ଦଶଟି ଦଳରେ ବିଭକ୍ତ ହୋଇଥିଲେ ଏବଂ ଅଂଶଗ୍ରହଣକାରୀମାନଙ୍କୁ ମସ୍ତିଷ୍କର ବିକାଶ ନିମନ୍ତେ ଦଶଟି ପ୍ରଶ୍ନ ଆଲୋଚନା କରିବାକୁ ଦିଆଯାଇଥିଲା, ଯେଉଁଥିରେ ସମସ୍ତ ଦଶଟି ଦଳରେ ଗୋଟିଏ ସାଧାରଣ ପ୍ରଶ୍ନ ରହିଥିଲା ।

୧୩ତାରିଖ ଫେବୃଆରୀ ୨୦୨୨, ୨ୟଦିନ ପ୍ରଭୁ ଭୋଜ ସେବା ସହ ସମ୍ମିଳନୀ ଆରମ୍ଭ ହୋଇଥିଲା ଏବଂ ଆଚାର୍ଯ୍ୟ.ଡ. ରୋଜି ତାହାଙ୍କ ବାକ୍ୟରେ 'ପବିତ୍ର ପ୍ରଭୁ ଭୋଜ' ପ୍ରାଧାନ୍ୟତା ଏବଂ ଉଦ୍ଦେଶ୍ୟକୁ ଦୃଷ୍ଟି ଆକର୍ଷଣ କରିଥିଲେ ଯାହାକି ଅନେକ ଅଂଶଗ୍ରହଣକାରୀମାନଙ୍କର ଆଖି ଖୋଲିଦେଇଥିଲା । ତାହାପରେ ଦଶଟି ଦଳର ନେତାମାନେ ସେମାନଙ୍କର ଦଳରେ ଆଲୋଚନା ହୋଇଥିବା ଅର୍ନ୍ତଦୃଷ୍ଟି ଏବଂ ଆଶା ଉପସ୍ଥାପନ କରିଥିଲେ । ସାଧାରଣ ସମ୍ପାଦକ ଜନ ବର୍ଲିନଙ୍କ ଦ୍ୱାରା ବର୍ଷର ମୁଖ୍ୟ ବିଷୟ ବସ୍ତୁ ସ୍ପଷ୍ଟ ଭାବରେ ଅନ୍ୟମାନଙ୍କ ଆଗରେ ଉପସ୍ଥାପନ କରାଯାଇଥିଲା ଯାହାକି ଅଂଶଗ୍ରହଣକାରୀମାନେ ପ୍ରସଙ୍ଗ ବିଷୟରେ ପ୍ରାଞ୍ଜଳ ହେବେ ଏବଂ ସେମାନଙ୍କର ଚିନ୍ତାରେ ଫକୋସ କରିବେ ଏବଂ ପ୍ରସଙ୍ଗ ଉପରେ ପରିଷ୍କାର ଭାବରେ କାର୍ଯ୍ୟ କରିବେ । ଏଫଏମପିବିର ବରିଷ୍ଠ ମିଶନାରୀମାନଙ୍କ ମଧ୍ୟରୁ ଜଣେ ଶ୍ରୀମତୀ ମେରୀ ଅନୁ ଶେଖରଙ୍କ ଦ୍ୱାରା ପ୍ରତିଶ୍ରୁତିବଦ୍ଧତାର ପ୍ରାର୍ଥନା କରାଯାଇଥିଲା । ସଭାପତି ଆଚାର୍ଯ୍ୟ ସି. ରେଜିନାଲଡ ସମାପନର ବାକ୍ୟ ପ୍ରଦାନ କରିଥିଲେ ଯାହାକି ପ୍ରସଙ୍ଗ ଉପରେ ଆଧାରିତ ଥିଲା ଅଂଶଗ୍ରହଣକାରୀମାନଙ୍କ ହୃଦୟ ଏବଂ ମନକୁ ପ୍ରସାରଣରେ ବ୍ୟାପକ କରିଥିଲା । ଶ୍ରୀମତୀ ସଗୁନ୍ଥଲା ଦାନିଏଲ, ଏକ ବରିଷ୍ଠ ପ୍ରାର୍ଥନା ଦଳ ନେତ୍ରୀଙ୍କ ପ୍ରାର୍ଥନା ଏବଂ ସାଧାରଣ ସମ୍ପାଦକଙ୍କ ଦ୍ୱାରା ଆଶିଷ ପ୍ରାର୍ଥନା ସହ ସମ୍ମିଳନୀ ସମାପ୍ତ ହେଲା ।

ସମସ୍ତ ପ୍ରାର୍ଥନା ଦଳର ନେତାଗଣ, ମୁଖ୍ୟାଳୟର ନେତାଗଣ ଏବଂ ଯୋଉ ଭଲେଣ୍ଟିୟରମାନେ ଅକ୍ଳାନ୍ତ ପରିଶ୍ରମ କରି ୨୦୨୨ ଜାତୀୟ ଯୋଜନା ସମ୍ମିଳନୀ କରିବାରେ ସଫଳ କରାଇଛନ୍ତି ସେହି ସମସ୍ତଙ୍କ ନିକଟରେ ଆମ୍ଭେ କୃତଜ୍ଞ ଅଟୁ । ଈଶ୍ୱରଙ୍କ ଗୌରବ ହେଉ !

- ରେଭ.କେ. ପ୍ରଭାକର ସାରଥୀ, ଏଫଏମପିବି ସେକ୍ରେଟେରୀ - ମୁଖ୍ୟାଳୟ

# PLENTIFUL HARVEST

## 50 years of FMPB history in nutshell




- A good hand book, highlighting the mile stones events of God's faithfulness in the History of Missions in India through FMPB in the 21st century.
- It's about the origin of FMPB, its founding leaders and members, Church growth in India and so on.
- It's a rare compilation consisting of 160 pages, to be proudly owned by all the mission minded Christians as a treasure.
- Glorify God and be blessed by reading this book about the mighty deeds of God in the History of Missions in India.
- Donation Rs. 30/- only [Only limited copies are available].

# ସ୍ମରଣୀୟ ବ୍ୟକ୍ତିତ୍ୱ



## ଆଚାର୍ଯ୍ୟ.ୱାଇ ହିଲକିଆ

**ବ୍ୟକ୍ତିଗତ ଇଭାନଜଲିଜିମ୍‌ରେ ପ୍ରବଳ ଉତ୍ସାହୀ ଅନୁଭୂତି ଯୁକ୍ତ ବ୍ୟକ୍ତି**

(୨୦.୦୨.୧୯୩୮ - ୨୩.୦୧.୨୦୨୨)

ଆଚାର୍ଯ୍ୟ.ୱାଇ ହିଲକିଆ ପ୍ରଥମ ମିଶନାରୀ ଯାହାଙ୍କୁ ମିତ୍ର ସୁସମାଚାରପ୍ରାର୍ଥନା ଦଳ ଦ୍ୱାରା ଉତ୍ତର ଭାରତକୁ ପଠା ଯାଇଥିଲା । ୨୦ତାରିଖ ଫେବୃଆରୀ ୨୦୨୨ରେ ତାଙ୍କୁ ଗୃହ ଡାକରା ହେଲା, ଅନୁକରଣ କରିବାକୁ ଏକ ଦୃଢ ସମ୍ପତ୍ତି ଆମ୍ଭମାନଙ୍କ ନିମନ୍ତେ ଛାଡି ଯାଇଛନ୍ତି । ୨୦ତାରିଖ ଫେବୃଆରୀ ମାସ ୧୯୩୮ରେ ଖ୍ରୀଷ୍ଟିୟାନ ପିତାମାତା ଶ୍ରୀ ଏନୋକ ଏବଂ ଶ୍ରୀମତୀ ଥାଙ୍ଗଭାଦିଭୁଙ୍କ ୨ୟପୁତ୍ର ଭାବେ ଗ୍ରାମ ପାରୁସ୍ସୁ ଭିଲାଇ, ଥିକାନାମକୋଡ, କନ୍ୟାକୁମାରୀ ଜିଲ୍ଲାରେ ସେ ଜନ୍ମ ଗ୍ରହଣ କରିଥିଲେ, ତାହାଙ୍କ ଉଦ୍ଧାରକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ନିମନ୍ତେ ଅତ୍ୟନ୍ତ ସମର୍ପିତ ଜୀବନ କାଟୁଥିଲେ । ତାଙ୍କ ପରିବାର ପରିସ୍ଥିତି କାରଣରୁ, ସେ ଉଚ୍ଚଶିକ୍ଷା କରିବାକୁ ଅକ୍ଷମ ହେଲେ ସେ ହିନ୍ଦୀ ଭାଷାରେ ପାଠପଢିଲେ ଏବଂ ଆଗ୍ରା ବିଶ୍ୱବିଦ୍ୟାଳୟରୁ ହିନ୍ଦୀ ସାହିତ୍ୟରେ ମାଷ୍ଟର ଡିଗ୍ରୀ ପାଇଲେ । ଏକ ଟ୍ୟୁଟୋରିଆଲ କଲେଜରେ ହିନ୍ଦୀ ଶିକ୍ଷକ ଭାବେ ନିଯୁକ୍ତ ହେଲେ ଏବଂ ପରେ ସ୍କଟ ଖ୍ରୀଷ୍ଟିୟାନ ହାଇସ୍କୁଲରେ ହିନ୍ଦୀ ପଣ୍ଡିତ ହେଲେ । ତ୍ରୀଚି ଏବଂ ଆରୁପୁକୋଟାଇଠାରେ ଅନ୍ୟସ୍କୁଲରେ ସେ ହିନ୍ଦୀ ଶିକ୍ଷକଭାବେ ମଧ୍ୟ ସେବା କଲେ ।

ଶ୍ରୀ ହିଲକିଆ ଶରୀରରେ ପତଳା ଏବଂ ତାଙ୍କ ଗଳା କର୍କଶ ଏବଂ ଉଚ୍ଚସ୍ୱର ଯୁକ୍ତ ଥିଲା ଏହି ଦୁର୍ବଳତା କାରଣରୁ ଏପରିକି ପରିବାର ଏବଂ ସ୍କୁଲରେ ତାଙ୍କୁ ଅଧିକ ଜଣ ଗ୍ରହଣ କରୁ ନଥିଲେ ।। ତାହା ସତ୍ତ୍ୱେ, ତାଙ୍କ ସଣ୍ଡେସ୍କୁଲର ଶିକ୍ଷକ ପ୍ରୋତ୍ସାହିତ କଲେ ଏବଂ ପ୍ରତି ପାଳନ କଲେ କାରଣ ସେ ପାଠପଢା ଏବଂ ମନୋଭାବରେ ବିଶ୍ୱସ୍ତ ଏବଂ କଠିନ ପରିଶ୍ରମୀ ଥିଲେ । ୧୯୫୬ରେ ଶ୍ରି ପି.ଶାମୁଏଲ ଏଫଏମପିବିର ପ୍ରଥମ ନେତା ପ୍ରଭୁଙ୍କ ନିକଟକୁ କଢାଇଲେ ଏବଂ ସେ ଲେମେନ ଇଭାନଜଲିକାଲ ଫେଲୋସିପ ଦ୍ୱାରା ଆତ୍ମିକ ଭାବରେ ମଧ୍ୟ ପରିଚାଳିତ ହେଲେ । ୧୬ତାରିଖ ମେ ୧୯୬୬ରେ , ଆଚାର୍ଯ୍ୟ ହିଲକିଆ କୁମାରୀ ଡେଜି କୁ ବିବାହ କଲେ ଯିଏ କନ୍ୟାକୁମାରୀ ଜିଲ୍ଲାର କଲେମକୋଡରେ ଶିକ୍ଷକତା କରୁଥିଲେ । ପରିବାର ଭାବରେ ସେମାନେ ପ୍ରାର୍ଥନା କରୁଥିଲେ ଯେ ସେମାନଙ୍କୁ ସମାନ ଜାଗାକୁ ବଦଳି ହେବ ଯେପରି ସେମାନେ ଏକତ୍ର ରହି ପାରିବେ । ଈଶ୍ୱର ସେମାନଙ୍କର ପ୍ରାର୍ଥନା ଶୁଣିଲେ ଏବଂ ସେମାନଙ୍କର ଇଛାକୁ ମଞ୍ଜୁର କଲେ । କନ୍ୟାକୁମାରୀ ଜିଲ୍ଲାର ମାରୁଥାକୁଲମରେ ଥିବା ସମୟରେ , ଈଶ୍ୱର ୧୯ତାରିଖ ଜାନୁଆରୀ ୧୯୬୭ରେ ପୁଅ ପ୍ରେମସିଂହକୁ ଦେଲେ ।

ତାହାଙ୍କ କାର୍ଯ୍ୟ ସ୍ଥାନରେ, ଭାଇ ହିଲକିଆ ଶ୍ରୀ ନଭନିଥର ଜଣେ ଡ୍ରଇଂ ଶିକ୍ଷକ(ପରେ ଏଫଏମପିବିର ଗସପେଲ ରଥମ ସେବାକାର୍ଯ୍ୟକୁ କଢାଇ ନେଲେ)ଯିଏକି ତାଙ୍କ ସ୍କୁଲରେ ଫେକଲ୍ଟି ଭାବରେ ଯୋଗ ଦେଲେ । ଶ୍ରୀ ନଭନିଥର ମିତ୍ର ସୁସମାଚାର ପ୍ରାର୍ଥନା ଦଳ ସେବାକାର୍ଯ୍ୟ ସହ ହିଲକିଆଙ୍କୁ ପରିଚିତ କରାଇଥିଲେ ଏବଂ ଉଭୟ ସେମାନେ ଏକତ୍ର ପ୍ରାର୍ଥନା କରୁଥିଲେ

ଏବଂ ଛାତ୍ର ଏବଂ ଅନ୍ୟମାନଙ୍କ ଗହଣରେ ସେବାକାର୍ଯ୍ୟ କଲେ, ବହୁଜଣଙ୍କୁ ଖ୍ରୀଷ୍ଟଙ୍କ ଖୁଆଡକୁ କଢାଇଲେ । ସହକର୍ମୀ ଭାବରେ, ଆଚାର୍ଯ୍ୟ ହାରିସ ହିଲଟନଙ୍କ ଦ୍ୱାରା ପଠାଯାଉଥିବା ପ୍ରାର୍ଥନା ନିବେଦନଗୁଡିକୁ ନେଇ ସେମାନେ ଦେଶ ପାଇଁ ମଧ୍ୟସ୍ଥତାର ପ୍ରାର୍ଥନା କଲେ, ହାରିସ ଏଫଏମପିବିର ପ୍ରଥମ ମିଶନେରୀ ଏବଂ ଚାରିପାଖରେ ଆଉଟରିଚ୍ ସେବାକାର୍ଯ୍ୟରେ ସକ୍ରିୟ ଭାବରେ ସମ୍ପୃକ୍ତ ଥିଲେ । ଏଫଏମପିବିର ଟୁଟିକୋରିନ ଜିଲ୍ଲାର ପନ୍ନାଭିଲାଇ ଗିଦିୟୋନ ମିଟିଙ୍ଗରେ ଶ୍ରୀ ହିଲକିଆ ସ୍କଟଲାଣ୍ଡ ମିଶନେରୀ ଜନ ଜି.ପାଟନଙ୍କ ଆହ୍ୱାନପୂର୍ଣ୍ଣଜୀବନବିଷୟରେଜାଣିବାକୁପାରିଲେଯିଏକି ଦକ୍ଷିଣ ପ୍ରଶାନ୍ତ ମହାସାଗର ନିଉ ହେବ୍ରାଇଡସ ଦ୍ୱୀପର ନରଭକ୍ଷକ ମଧ୍ୟରେ କାମ କରୁଥିଲେ । ଶ୍ରୀପି.ଶାମୁଏଲ ଏବଂ ଶ୍ରୀଏମିଲ ଜେବାସିଂହଙ୍କ ଆହ୍ୱାନଯୁକ୍ତ ବାକ୍ୟ ଦ୍ୱାରା, ପୂର୍ଣ୍ଣ ସମୟ ସେବାକାର୍ଯ୍ୟ ନିମନ୍ତେ ଈଶ୍ୱରଙ୍କ ଡାକରା ଶବ୍ଦ ଶୁଣିଲେ । ଈଶ୍ୱରଙ୍କ ଡାକରାର ବାଧ୍ୟ ହୋଇ, ପରସ୍ପର ସମର୍ପଣ କଥା ନ ଜାଣି ଉଭୟ ଶ୍ରୀ ହିଲକିଆ ଏବଂ ତାଙ୍କ ସ୍ତ୍ରୀ ଶ୍ରୀମତୀ ଡେଜି ଉତ୍ତର ଭାରତରେ ମିଶନାରୀ ଭାବରେ ସେବାକାର୍ଯ୍ୟ କରିବା ନିମନ୍ତେ ସେମାନଙ୍କର ଜୀବନକୁ ସମର୍ପଣ କଲେ । ଆଚାର୍ଯ୍ୟ.କେ.ଏସ.ଅବ୍ରହାମ, ପାଷ୍ଟର ଏବଂ ଏଫଏମପିବିର ପ୍ରଥମ ମୋବିଲାଇଜେସନ ସେକ୍ରେଟେରୀ ଶ୍ରି ହିଲକିଆ ଏବଂ ଶ୍ରୀମତୀ ଡେଜିଙ୍କ ପାଇଁ ୨୦ତାରିଖ ଜୁନ ୧୯୭୧ରେ ମିଶନାରୀ ଉତ୍ସର୍ଗୀକରଣର ସେବା ପରିଚାଳକ ଥିଲେ । ଉତ୍ତର ପ୍ରଦେଶ, ବସ୍ତିଠାରେ ଏଫଏମପିବି ଏହାର ପ୍ରଥମ ମିଶନ କ୍ଷେତ୍ର ଆରମ୍ଭ କରିବାକୁ ଯୋଜନା କରିଥିଲା । ଭାଇ. ଶିମୋନ ରର୍ବଟ, ଏଫଏମପିବିର ପୂର୍ବତନ ସହଯୋଗୀ ସାଧାରଣ ସମ୍ପାଦକ ରେଭ. ହିଲକିଆ ପରିବାର ସହ ୧୯ତାରିଖ ଜୁଲାଇ ୧୯୭୧ରେ ଟୁଟିକୋରିନରୁ ଉତ୍ତର ଭାରତ ଯାତ୍ରା ସମୟରେ ତାଙ୍କ ସହ ଯାଇଥିଲେ । ସେମାନେ ବସ୍ତିରେ ୨୧ତାରିଖ ଜୁଲାଇ୧୯୭୧ରେ ପହଞ୍ଚିଲେ ଉତ୍ତର ଭାରତ ମାଟିରେ ଈଶ୍ୱରଙ୍କ ରାଜ୍ୟର ପ୍ରସାରଣ ପାଇଁ ପାଦ ରଖିବା ନିମନ୍ତେ ଏକ ଆରମ୍ଭ ସ୍ଥାନ ଖୋଲା ହେଲା ଯାହାକି ଏଫଏମପିବି ଇତିହାସରେ ଏକ ସ୍ମରଣୀୟ ଦିନ । ସେଲୋନ ଇଣ୍ଡିଆ ଜେନେରାଲ ମିଶନର ପୁରୁଣା ଘରେ ରହି ହିଲକିଆ ପରିବାର ଚମାର ଲୋକ ଦଳ ମଧ୍ୟରେ ସୁସମାଚାର ମଞ୍ଜି ବୁଣିବା ଆରମ୍ଭ କଲେ । ହିଲକିଆ ଦମ୍ପତ୍ତିଙ୍କର ଅଭ୍ୟାସ ଥିଲା ସେମାନେ ପ୍ରତିଦିନ ଭୋର ୪ଟାରୁ ଉଠିବେ ଏବଂ ସେହି ଦିନର ସେବାକାର୍ଯ୍ୟ ନିମନ୍ତେ ଈଶ୍ୱରଙ୍କ ଚାଳନାକୁ ଲୋଡୁଥିଲେ । ଶ୍ରୀ ହିଲକିଆ, ଥଟ୍ଟାରେ ପ୍ରାୟ କହୁଥିଲେ " ପରମାର୍ଥଠାରୁ ଆଣ୍ଠୋଇବା ଉତ୍ତମ" । ସେ ଦୃଢ ଭାବରେ ବିଶ୍ୱାସ କରୁଥିଲେ ଯେ 'ଆମ୍ଭ ମୁଖରୁ ନିର୍ଗତ ବାକ୍ୟ ସେପରି ହେବ; ତାହା ନିଷ୍ଫଳ ହୋଇ ଆମ୍ଭ ନିକଟକୁ ଫେରି ଆସିବ ନାହିଁ'(ଯିଶାଇୟ୫୫:୧୧) ତେଣୁ, ଶ୍ରୀ ହିଲକିଆଙ୍କ ସେବାକାର୍ଯ୍ୟରେ ଅଦ୍ୱିତୀୟ ଦୃଷ୍ଟିକୋଣ ଥିଲା ଯେ କେହିବି ଜଣେ ତାହାଙ୍କ ପାଖ ଦେଇ ସୁସମାଚାର ନ ଶୁଣି ଯାଇ ପାରିବ ନାହିଁ । ସେମାନେ ହୁଏତ ପତ୍ରିକା ଗ୍ରହଣ କରିବେ କିମ୍ବା ଆମ୍ଭ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ସୁସମାଚାର ଶୁଣିବେ । ତାହାଙ୍କ ଟ୍ରେନରେ ଯାତ୍ରା ସମୟରେ, ସେ ପ୍ରାୟ ପ୍ରତି କମ୍ପାର୍ଟମେଣ୍ଟକୁ ଯାଇ ପତ୍ରିକା ବାଣ୍ଟୁଥିଲେ ଏବଂ ଈଶ୍ୱରଙ୍କ ପ୍ରେମକୁ ଜଣାଉଥିଲେ । ସେ ସ୍କୁଲଗୁଡିକରେ, ସରକାରୀ ଅଫିସ ଏବଂ ଏପରିକି କୋର୍ଟ ପରିସର ମଧ୍ୟରେ ବି ସୁସମାଚାର ଘୋଷଣା କରୁଥିଲେ । ହିନ୍ଦୀ ଭାଷାବାଦୀ ଲୋକମାନଙ୍କ ମଧ୍ୟରେ ଖ୍ରୀଷ୍ଟିୟାନମାନଙ୍କ ବିଷୟରେ ଏକ ଭୁଲ ଧାରଣା ପ୍ରଚଳିତ ଥିଲା ଯେ ଖୀଷ୍ଟଧର୍ମ ଏକ ବିଦେଶ ଧର୍ମ ଏବଂ ଯୀଶୁଖ୍ରୀଷ୍ଟ ବିଦେଶୀ ଦେବତା ଯାହାକି ସୁସମାଚାର ବ୍ୟାପକ ପ୍ରସାର ଦିଗରେ ପ୍ରାୟତଃ ବାଧା ଉପୁଜାଉଥିଲା । ମାତ୍ର ଶ୍ରୀ ହିଲକିଆଙ୍କ ଅଧ୍ୟବ୍ୟସାୟ ଏବଂ କଠିନ ପରିଶ୍ରମ ହିନ୍ଦୀ କେନ୍ଦ୍ରସ୍ଥାନରେ ଉତ୍ତମ ଫଳ ଫଳିଲା । ଈଶ୍ୱର, ପବିତ୍ର ଆତ୍ମା ଅର୍ଜୁନ ଚୌବେ ନାମକ ଏକ ଅପରାଧୀ, ନୃଶଂସ ଗୁଣ୍ଡା, ନରହତ୍ୟାକାରୀକୁ ସ୍ପର୍ଶ କଲେ । ଉତ୍ତର ଭାରତରେ ଏଫଏମପିବିର ସେ ଥିଲା ପ୍ରଥମ ଫଳ । ଆଚାର୍ଯ୍ୟ. ହିଲକିଆ ତାଙ୍କ ବାଇ -

ସାଇକଲ ଚଳାଇବାରେ କଦାପି ଥକୁ ନ ଥିଲେ, ବହୁ ଗ୍ରାମଗୁଡିକୁ ଯାଇ ସୁସମାଚାର ପ୍ରଚାର କରୁଥିଲେ । ବନହଟ ଗ୍ରାମର ପିଟର ହରିରାମ ଯୀଶୁଖ୍ରୀଷ୍ଟଙ୍କୁ ଗ୍ରହଣ କରିଥିଲେ ଏବଂ ପରେ ଏଫଏମପିବିର ଜଣେ ମିଶନେରୀ ହେଲେ ।

୧୯୭୩, ୭ତାରିଖ ଅଗଷ୍ଟରେ ହିଲକିଆ ଦମ୍ପତ୍ତି ଏକ ବାଳିକା ସନ୍ତାନ ପାଇଲେ ମାତ୍ର ଶିଶୁଟି ଗୋଟିଏ ମାସ ମଧ୍ୟରେ ମୃତ୍ୟୁବରଣ କଲା । ଏକ ଭଡା ଭ୍ୟାନରେ ଶିଶୁର ମର ଶରୀର ନେଇ ଘରକୁ ଫେରୁଥିବା ସମୟରେ ସେତେବେଳେ ସେ ତାଙ୍କ ଦୁଃଖରେ ବି ପତ୍ରିକା ବାଣ୍ଟିଥିଲେ ଏବଂ ସୁସମାଚାର ପ୍ରଚାର କରିଥିଲେ । ଈଶ୍ୱର ପୁର୍ନବାର ଭାଇ. ହିଲକିଆ ପରିବାରରେ ୧୯୭୪ରେ, ଏକ କନ୍ୟା ସନ୍ତାନ ହେଲିନା ମୁରିଆଲ (ମିଣ୍ଟୁ) ଦେଇ ଆଶୀର୍ବାଦ କଲେ । ସେମାନଙ୍କ ପିଲାମାନେ ଉଭୟ ବିବାହିତ ଏବଂ ସନ୍ତାନର ଆଶୀର୍ବାଦ ପାଇଛନ୍ତି । ବାସ୍ତବରେ, ସେମାନଙ୍କର ବଡ ପୁଅ ପରିବାର ତମ୍ବୁ - ନିର୍ମାଣ ସେବାକାର୍ଯ୍ୟରେ ସମ୍ପୃକ୍ତ ଏବଂ ଝିଅ ହେଲିନା ନର୍ସିଂ ଶିକ୍ଷା ବୋର୍ଡ, ଏନଏଲ, ସିଏମଏଆଇ, ଦକ୍ଷିଣ ଇଣ୍ଡିଆ ବ୍ରାଞ୍ଚର ସେକ୍ରେଟେରୀ ଅଛନ୍ତି ।



ଆଚାର୍ଯ୍ୟ. ହିଲକିଆ ଜଣେ ହିନ୍ଦୀ ଶିକ୍ଷକ, ଯୁବା ମିଶନେରୀମାନଙ୍କର ଟ୍ରେନର, ଜଣେ ଉତ୍ତମ ଉପଦେଷ୍ଟା ଥିଲେ । ଈଶ୍ୱରଙ୍କଠାରେ ତାହାଙ୍କ ପ୍ରତିଜ୍ଞାର ସେ ବହୁତ ବାଧ୍ୟ, ଉତ୍ସାହୀ ଏବଂ ଅଧିକ ସାହସୀ ଥିଲେ ଯେଉଁଠାରେ ସେ ପ୍ରବେଶ କରୁଥିଲେ ସମସ୍ତ ପ୍ରକାର ଲୋକଙ୍କ ଗହଣରେ ସୁସମାଚାର ପତ୍ରିକା ବାଣ୍ଟୁଥିଲେ ଏବଂ ସୁସମାଚାର ପ୍ରଚାର କରୁଥିଲେ । ତାଙ୍କର ସାଧାରଣ ଜୀବନ ଶୈଳୀ ବହୁ ଜଣଙ୍କ ପାଇଁ ଏକ ଆହ୍ୱାନ ଥିଲା ଏବଂ ସମସ୍ତ ପ୍ରକାର ଲୋକ ନିର୍ବିଶେଷରେ ବନ୍ଧୁତ୍ୱ ସ୍ଥାପନ କରୁଥିଲେ ଏପରିକି ସେମାନଙ୍କର ବୟସ ଏବଂ ଯୋଗ୍ୟତା କୌଣସି ମାନେ ରଖୁ ନଥିଲା ତାଙ୍କ ସାହାଯ୍ୟକାରୀ ଏବଂ ହାସ୍ୟ ମନୋଭାବ କାରଣରୁ ସେ ତାହା ଉପଭୋଗ କରୁଥିଲେ । ହିଲକିଆ ଦମ୍ପତ୍ତି କ୍ରଶ - କାଲଚୁରାଲ ମିଶନାରୀ ଭାବରେ ୩୨ବର୍ଷରୁ ଅଧିକ ଆସନ୍ତା ପିଢୀ ନିମନ୍ତେ ଏକ ଉଦାହରଣ ସ୍ୱରୂପ । ଏହି ବର୍ଷଗୁଡିକରେ ସେହି ଦମ୍ପତ୍ତି ସେମାନଙ୍କର ଅବସର ନେବା ପର୍ଯ୍ୟନ୍ତ ଏକ ଶ୍ରେଷ୍ଠ କାର୍ଯ୍ୟ କରିଥିଲେ ଏବଂ ସେମାନଙ୍କର ଉତ୍ତରାଧିକାରୀ ରୂପେ ମୂଳଦୁଆ ରଖିଥିଲେ । ଯେତେବେଳେ ବି ହିଲକିଆ ଦମ୍ପତ୍ତି ବସ୍ତି ଅଞ୍ଚଳରେ ପାଦ ରଖୁଥିଲେ ଏବଂ ସୁସମାଚାର ଆଲୋକ ସବୁଆଡେ ଜ୍ୟୋତିର୍ମୟ ହେଉଥିଲା ମଣ୍ଡଳୀଗୁଡିକ ପ୍ରତିଷ୍ଠା ହୋଇଥିଲା ଏବଂ ବହୁ ଜଣ ଖ୍ରୀଷ୍ଟଙ୍କ ନିକଟକୁ ଆସିଥିଲେ । ଏପରିକି ଅବସର ନେବା ପରେ ସେମାନଙ୍କର ନିଜର ଅଞ୍ଚଳରେ ସେବାକାର୍ଯ୍ୟ ଜାରି ରଖିଲେ ଏବଂ ବହୁ ମିଶନ କ୍ଷେତ୍ରଗୁଡିକ ମଧ୍ୟ ପରିଦର୍ଶନ କଲେ ଏବଂ ଯୁବା ମିଶନାରୀମାନଙ୍କୁ ଉତ୍ସାହିତ କଲେ ।

ଆଚାର୍ଯ୍ୟ ହିଲକିଆ ୨୩ତାରିଖ ଜାନୁଆରୀ ୨୦୨୨ରେ ତାହାଙ୍କ ଗୃହ ଡାକରାରେ ଗଲେ । ତାହାଙ୍କ ମରଶରୀର ପୁରରୁତ୍ଥାନର ଆଶା ନେଇ ନିଜ ପୈତୃକ ଗ୍ରାମରେ ୨୪ତାରିଖ ଜାନୁଆରୀ ୨୦୨୨ରେ କବରଶାୟୀ ହେଲା । 'ବସ୍ତିର ମିଶନ କ୍ଷେତ୍ର କେତେ ସୁନ୍ଦର ଯେଉଁଠାକୁ ଆଚାର୍ଯ୍ୟ ହିଲକିଆ ଏବଂ ଶ୍ରୀମତୀ ତେଜି ଆନନ୍ଦ ଏବଂ ପ୍ରକାଶିତ ଶାନ୍ତି ଏବଂ ପରିତ୍ରାଣ ବାର୍ତ୍ତା ନେଇ ଯାଇଥିଲେ' । ଆମ୍ଭେ, ଏଫଏମପିବିର କର୍ମକର୍ତ୍ତା ଭାବେ, ଏହି ଦମ୍ପତ୍ତିଙ୍କ ସୁସମାଚାର ଏବଂ ଈଶ୍ୱରଙ୍କ ଗୌରବ ନିମନ୍ତେ ମହାନ ବଳିଦାନକୁ ଗଭୀର ଭାବରେ ପ୍ରଶଂସା କରୁଛୁ କେବଳ ତାହା ନୁହେଁ ମାତ୍ର ଈଶ୍ୱରଙ୍କ ସେହି ମଧୁର ସୁଗନ୍ଧ ଯୁବା ମିଶନେରୀମାନଙ୍କ ନିମନ୍ତେ ଲହର ବନାଇଥିଲେ ଯେପରି ଉତ୍ତର ଭାରତର ଅପହଞ୍ଚ କୋଣ ଅନୁକୋଣରେ ସୁସମାଚାର ନେଇ ପହଞ୍ଚାଇବେ । ରେଭ. ହିଲକିଆ ଆସନ୍ତା ପିଢୀ ନିମନ୍ତେ ଏହି ଚିନ୍ତା ଛାଡି ଯାଇଛନ୍ତି ଯେ ଜୀବନକୁ ଆମ୍ଭେ ଏପରି ବ୍ୟବହାର କରିବା ଯେ ତାହା ସମସ୍ତଙ୍କ ନିମନ୍ତେ ସ୍ମରଣୀୟ ହେବ ।

**- ରେଭ.ଡଃ.ଇ.ରାଜନ, ଏଫଏମପିବି**

# ପଥ ପ୍ରଦର୍ଶକଗଣ



ଜର୍ଜ ମୂଲାର

## ପ୍ରାର୍ଥନା ଦ୍ୱାରା ଦୃଢୀକୃତ ବିଶ୍ୱାସର ଏକ ଜୀବନ

ଇଂଲଣ୍ଡ, ବ୍ରିଷ୍ଟଲ ହାରବରଠାରେ ସନ୍ଧ୍ୟା ଢଳି ଆସୁଥିଲା ଏବଂ ଅନାଥାଶ୍ରମ ଜର୍ଜ ମୂଲାର ଦ୍ୱାରା ସ୍ଥାପିତ ହୋଇଥିଲା, ।ତାଙ୍କ ସ୍ତ୍ରୀ ଓ ପିଲାମାନେ ବିଛଣାକୁ ଶୋଇବାକୁ ଯିବା ପାଇଁ ପ୍ରସ୍ତୁତ ହେଉଥିଲେ । ଜର୍ଜ ତାଙ୍କ ଅଧ୍ୟୟନରେ କାର୍ଯ୍ୟରତ ଥିଲେ ସେତେବେଳେ ତାଙ୍କ ସ୍ତ୍ରୀ ଚିନ୍ତାଜନକ ଖବର ନେଇ ପହଞ୍ଚିଲେ । "ଆମ୍ଭଠାରେ କ୍ଷୀର ଶେଷ ହୋଇଛି, ସେ କହିଲେ । "ସକାଳର ଖାଦ୍ୟ ନିମନ୍ତେ ଯଥେଷ୍ଟ ଦଲିଆ ନାହିଁ" । ଜର୍ଜ ତାଙ୍କ କଲମଟିକୁ ଏକ ପାଖରେ ରଖିଲେ । ଖାଦ୍ୟ କଣିବା ନିମନ୍ତେ ଅର୍ଥ ଆବଶ୍ୟକତା ଏବଂ ଅନ୍ୟ ବିଷୟଗୁଡିକର ଅଭାବ ପୂରଣ କରିବା କଠିନ ଥିଲା ଏହା ପ୍ରଥମଥର ନିମନ୍ତେ ନଥିଲା । ମୂଲର ୧୮୩୬, ପ୍ରଥମ ଦଳରେ ତିରିଶ ଜଣ ଝିଅଙ୍କୁ ଗ୍ରହଣ କରିଥିଲେ, ଏବଂ ବର୍ତ୍ତମାନ ଶହେ ଜଣକୁ ଆଶ୍ରୟ ଦେଇଛନ୍ତି । ଆରମ୍ଭରୁ ଜର୍ଜ ସଂକଳ୍ପ କରିଥିଲେ ଲୋକଙ୍କ-ଠାରୁ ଦାନ ମାଗିବେ ନାହିଁ କିମ୍ବା ଟଙ୍କା ଋଣ କରିବେ ନାହିଁ । ପ୍ରଭୁଙ୍କଠାରେ ବିଶ୍ୱସ୍ତତା ଏବଂ ବ୍ୟବସ୍ଥାର ପୂର୍ଣ୍ଣ ଭରସା ରଖି, ଆବଶ୍ୟକତା ନିମନ୍ତେ ଈଶ୍ୱରଙ୍କଠାରେ ବିଶ୍ୱାସ କଲେ । ।

ପାଳକ ମେଜରୁ ଉଠିଲେ ଏବଂ ତାଙ୍କ ସ୍ତ୍ରୀଙ୍କ ହାତ ଧରିଲେ । "ମେରୀ", ସେ କହିଲେ, "ଆସ ପ୍ରାର୍ଥନା କରିବା" । ଅନାଥାଶ୍ରମରେ କାମ କରୁଥିବା ଦୁଇଜଣ ସେମାନଙ୍କ ସହ ଯୋଗ ଦେଲେ ଏବଂ ସେମାନେ ଏକତ୍ର ଈଶ୍ୱରଙ୍କୁ ସେମାନଙ୍କ ଆବଶ୍ୟକତାକୁ ନମ୍ର ସହକାରେ ଅନୁରୋଧ କଲେ । କ୍ଷୁଦ୍ର, ନିଃସହାୟ ମୁହଁଗୁଡିକ ବଞ୍ଚିବା ନିମନ୍ତେ ସେମାନଙ୍କ ଉପରେ ନିର୍ଭରଶୀଳ । "ଯଦି ତୁମେ ତାଙ୍କ ସହିତ ଚାଲୁଛ ଏବଂ ତାଙ୍କୁ ଉର୍ଦ୍ଧଦୃଷ୍ଟି କରୁଛ ଏବଂ ତାହାଙ୍କଠାରୁ ସାହାଯ୍ୟ ଆଶା ରଖୁଛ, ଆଶ୍ୱସ୍ତ ରୁହ", ପରେ ଜର୍ଜ ସେମାନଙ୍କୁ ସ୍ମରଣ କରାଇଦେଲେ, "ସେ ତୁମ୍ଭକୁ କଦାପି ହତାଶ କରିବେ ନାହିଁ" । କେହି ଜଣେ କବାଟରେ ଆଘାତ କଲେ । ମେରୀ ଉତ୍ତର ଦେବାକୁ ବ୍ୟଗ୍ର ହେଲେ, କିଛି କ୍ଷଣ ପରେ ଅଧ୍ୟୟନ ସ୍ଥାନକୁ ଫେରିଲେ । ସେ ତାଙ୍କ ସ୍ୱାମୀକୁ ଗୋଟିଏ ଲଫାପା ହସ୍ତାନ୍ତର କଲେ । "ଜର୍ଜ କହିଲେ, ଏହା ଏକ ଚିଠି, ଶୀଘ୍ର କର ଏବଂ ଏହାକୁ ଖୋଲ" । ବନ୍ଦ ଲଫାପା ମଧ୍ୟରେ କିଛି ଟଙ୍କା ଥିଲା, କ୍ଷୀର ନିମନ୍ତେ ତାହା ଯଥେଷ୍ଟ ଅଧିକ ଥିଲା । କିଛି ମିନିଟ ମଧ୍ୟରେ, ଆହୁରି ଦୁଇଟି ଚିଠି ସମର୍ଥନ କରିବାର ଭରସା ଏବଂ ତାସହ ଟଙ୍କା ପହଞ୍ଚିଲା ।

ମୂଲର୧୮୦୫ରେ ପ୍ରୁସିଆ (ଆଧୁନିକ ଜର୍ମାନୀ)ରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ବାପା ଜଣେ ଟ୍ୟାକ୍ସ କଲେକ୍ଟର ଥିଲେ ଏବଂ ଜର୍ଜ ପ୍ରାୟ ତାଙ୍କ ବାପାଙ୍କଠାରୁ ଟଙ୍କା ଚୋରୀ କରୁଥିଲେ । ଯୁବା ମୂଲର କେବଳ ଜଣେ ଚୋର ଥିଲେ ତାହା ନୁହେଁ, ସେ ମଧ୍ୟ ଜୁଆଡି ଏବଂ ଏକ ମଦ୍ୟପ ଥିଲେ । ୧୮୧୯ରେ ମୂଲରଙ୍କ ଅନୁସାରେ, ୧୪ - ବର୍ଷ - ବୟସର ହୋଇଥିବା ସମୟରେ ଯେଉଁ ରାତିରେ ତାଙ୍କ ମାଆ ମୃତ୍ୟୁ ବରଣ କଲେ "ଏକ ମଧୁଶାଳାରେ ତାସ ଖେଳିବା ନିମନ୍ତେ ତାଙ୍କ ବନ୍ଧୁମାନଙ୍କ ସହ ଯାଇଥିଲେ, ତାହାଙ୍କ ମାଆଙ୍କ ମୃତ୍ୟୁ ବିଷୟରେ ଅଜ୍ଞ ଥିଲେ,ଏବଂ ତାପରଦିନ ମଧ୍ୟ ପ୍ରଚୁର ମଦପାନ କଲେ" । ମୂଲରଙ୍କ ପିତାମାତା ପ୍ରଭୁଙ୍କ ବିଷୟରେ ଜାଣି ନଥିଲେ ହୁଏତ, ତେଣୁ ସେମାନେ ତାଙ୍କୁ ଖ୍ରୀଷ୍ଟିୟାନ ପଥରେ ତାଲିମ ଦେବାକୁ କୌଣସି ଉପାୟ ନ ଥିଲା ।

ଯୁବ ଜର୍ଜ ମୂଲରଙ୍କୁ ୨୦ବର୍ଷରେ ହଲ୍ଲେ କୁ ଲୁଥରାନ ଧର୍ମଯାଜକ ହେବା ନିମନ୍ତେ ପାଠ ପଢିବାକୁ ପଠାଇ ଦିଆଗଲା, ସେ ଜଣେ ବିଶ୍ୱାସୀ ତା ନୁହେଁ, କିନ୍ତୁ ଏକ ଆରାମଦାୟକ ଜୀବନ ଶୈଳୀ ନିମନ୍ତେ । ଏକ ଧର୍ମଯାଜକର ପାଠ ପଢାଛଡା, ମୂଲର ଏକ ଅଯତ୍ନଶୀଳ ଜୀବନ କାଟିବାକୁ ଲାଗିଲେ । ସେ ପ୍ରାୟତଃ ତାଙ୍କ ବନ୍ଧୁମାନଙ୍କଠାରୁ ଚୋରୀ

କରୁଥିଲେ । ମୂଲରଙ୍କ ଦ୍ୱାରା ସେମାନଙ୍କର ବାପାମାନଙ୍କର ଜାଲ୍ ଦସ୍ତଖତ କରି ମୂଲର ଏବଂ ତାଙ୍କ ବନ୍ଧୁମାନଙ୍କର ଏକ ଦଳ ଗ୍ରୀଷ୍ମ ସମୟରେ ସ୍ୱିଜରଲାଣ୍ଡ ଗଲେ । ଗୋଟିଏ ଦିନ,ବେଟା (ମୂଲରଙ୍କ ଜଣେ ବନ୍ଧୁ) ଶନିବାର ରାତିରେ ଏକ ବାଇବଲ ଷ୍ଟଡିକୁ ନିମନ୍ତ୍ରଣ କଲେ । ମୂଲରଙ୍କର ଏହିଭଳି କୌଣସି ଅନୁଭୂତି କଦାପି ନଥିଲା । ଛାତ୍ରମାନେ ସେମାନଙ୍କର ଆଣ୍ଠୁପାତି ପ୍ରାର୍ଥନା କଲେ, ଗୀତ ଗାଇଲେ ଏବଂ ଧର୍ମଯାଜକଙ୍କ ଦ୍ୱାରା ଲିଖିତ ବାକ୍ୟ ଶୁଣିଲେ । ଘରକୁ ଫେରିବା ରାସ୍ତାରେ ମୂଲର ବେଟାକୁ କହିଲେ, " ସ୍ୱିଜରଲାଣ୍ଡକୁ ଯାତ୍ରା ସମୟରେ ଆମେ ଯାହାକିଛି ଦେଖିଲୁ ଏବଂ ଆମର ପୂର୍ବତନ ସମସ୍ତ ଆମୋଦଗୁଡ଼ିକ, ଏହି ସନ୍ଧ୍ୟା ସହ କୌଣସି ମତେ ତୁଳନୀୟ ନୁହେଁ ।" ସେହି ସପ୍ତାହରେ, ମୂଲର ଆଣ୍ଠୁପାତି ବସିଲେ ଏବଂ ଖ୍ରୀଷ୍ଟଙ୍କୁ ତାଙ୍କ ଜୀବନ ସମର୍ପଣ କଲେ । ସେହି ଦିନ ଥିଲା ଅକ୍ଟୋବର ୩୧ ତାରିଖ, ୧୮୨୫ ।

୧୮୩୨ର ବସନ୍ତ ସମୟରେ, ସେ ଏବଂ ତାହାଙ୍କ ବନ୍ଧୁ କ୍ରେକ, ବ୍ରିଷ୍ଟଲକୁ ପରିଦର୍ଶନ ପାଇଁ ଗଲେ । ଜଣେ ବନ୍ଧୁ ଦୁଇଜଣ ବ୍ୟକ୍ତି ସେଠାରେ ରହିବା ନିମନ୍ତେ ବେଥସଦା ଚାପେଲ ଭଡ଼ା ସୁତ୍ରରେ ଦେବାକୁ ପ୍ରସ୍ତାବ ଦେଲେ । କ୍ରେକ ଏବଂ ମୂଲର ସେହି ପ୍ରସ୍ତାବକୁ ଗ୍ରହଣ କଲେ । ମେ ୨୫ତାରିଖ, ୧୮୩୨ରେ, ମୂଲର ସବୁଦିନ ନିମନ୍ତେ ବ୍ରିଷ୍ଟଲରେ ରହିଲେ, ଯାହାକି ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ତାହାଙ୍କ ଘର ଥିଲା । ୧୮୩୬ରେ, ମୂଲର ୱିଲସନ ଷ୍ଟ୍ରିଟ୍‌ରେ ତାଙ୍କ ପ୍ରଥମ ଅନାଥାଶ୍ରମ ଖୋଲିଲେ । ପ୍ରଥମେ ସେଠାରେ ପିଲାମାନେ ନ ଥିଲେ ଏବଂ ତାପରେ ସେ ଅନୁଭବ କଲେ ସେ ଓ ତାଙ୍କ ସ୍ତ୍ରୀ ପିଲାମାନଙ୍କ ପାଇଁ ପ୍ରାର୍ଥନା କରୁ ନାହାନ୍ତି । ଏକଦା ସେମାନେ ପ୍ରାର୍ଥନା ଆରମ୍ଭ କଲେ, ପରେ ପିଲାମାନେ ଆସିବାକୁ ଲାଗିଲେ । ଅଧିକ ପିଲା ରହିବାରୁ, ମୂଲର ଏକାଧିକ ଅନାଥାଶ୍ରମ ତିଆରି କଲେ । ପରିଶେଷରେ, ୱିଲସନ ଷ୍ଟ୍ରିଟ୍‌ରେ ବହୁତ ପିଲା ହେଲେ ।

ପଡ଼ୋଶୀମାନେ ପିଲାମାନଙ୍କ ବିଷୟରେ ଅଭିଯୋଗ ଆରମ୍ଭ କଲେ । ମୂଲର ଜାଣିଥିଲେ ଏକ ନୂଆ ସ୍ଥାନ ଦେଖିବାର ଏହା ସମୟ ଥିଲା । ସବୁଥର ଭଳି, ନିଃସହାୟମାନଙ୍କ ଭବିଷ୍ୟତ ଗୃହ ନିମନ୍ତେ ସେ ପ୍ରାର୍ଥନା କଲେ । ପରିଶେଷରେ ଅନାଥାଶ୍ରମ ଆଶଲେ ଡାଉନକୁ ଗଲା, ନିଃସହାୟମାନଙ୍କୁ ବୃଦ୍ଧି କରିବା ନିମନ୍ତେ, ଯେଉଁଠାରେ ପିଲାମାନଙ୍କ ପାଇଁ ବହୁତ କୋଠରୀ ଥିଲା । ଯଦ୍ୟପି ଜର୍ଜ ମୂଲର ନିଃସହାୟ ପିଲାମାନଙ୍କ ପ୍ରତି ତାହାଙ୍କ କାର୍ଯ୍ୟ ପାଇଁ ସ୍ମରଣୀୟ ଅଟନ୍ତି, ଏହା କହିବା ଠିକ୍ ଯେ ସେ ଅଧିକତର ତାହାଙ୍କ ଆବଶ୍ୟକତା ପୂରଣ ନିମନ୍ତେ ପ୍ରାର୍ଥନାକୁ ଗୁରୁତ୍ୱ ଦେଉଥିଲେ । ତାହାଙ୍କ କାର୍ଯ୍ୟ ପାଇଁ ଏକ ବର୍ଷକୁ ପ୍ରାୟ $ ୨୬୪,୦୦୦ଡଲାର ଆବଶ୍ୟକ ଥିଲା, ବର୍ଷ ସାରା ତିନିଥର ୨,୧୦୦ ଅସହାୟ ଖାଦ୍ୟ ଖାଉଥିଲେ, ୧୮୯ ମିଶନାରୀମାନଙ୍କୁ ସହାୟତା କରାଯିବ, ୧୦୦ଟି ସ୍କୁଲର ୯୦୦୦ ଛାତ୍ରଗଣ, ୪ମିଲିୟନ ପତ୍ରିକା ଏବଂ ହଜାର ହଜାର ବାଇବଲ ପଠାଯିବ ଏବଂ ଈଶ୍ୱର ଆଶ୍ଚର୍ଯ୍ୟ ଭାବରେ ତାହାଙ୍କ ସମସ୍ତ ଆବଶ୍ୟକତା ଯୋଗାଉଥିଲେ ।

୭୦ବର୍ଷ ବୟସରେ, ଜର୍ଜ ମୂଲର ବିଶ୍ୱ - ବ୍ୟାପି ପ୍ରଚାର ଏବଂ ଶିକ୍ଷା, ତାହାଙ୍କ ଖ୍ରୀଷ୍ଟିୟାନ ବିଶ୍ୱାସକୁ ଅଂଶୀ କରାଇବାରେ ତାହାଙ୍କ ଜୀବନର ଆସନ୍ତା ସମୟକୁ ସମର୍ପିତ କରିବା ପାଇଁ ସ୍ଥିର କଲେ । ଅନାଥାଶ୍ରମଗୁଡ଼ିକୁ ତାହାଙ୍କ ଝିଅ ଲିଡିଆ ଏବଂ ତାଙ୍କ ସ୍ୱାମୀ ଜେମସ ରାଇଟ୍‌ଙ୍କ ପରିଚାଳନା ଦାୟିତ୍ୱ ଦେଇ, ସେ ଆସନ୍ତା ୧୭ ବର୍ଷ ଯାତ୍ରାରେ ସମୟ କାଟିଲେ, ଯାତ୍ରା କରିବାର ସ୍ଥାନଗୁଡ଼ିକ ହେଲା ଯୁକ୍ତରାଷ୍ଟ୍ର ଆମେରିକା କୁ ଚାରିଥର, ଭାରତକୁ ଦୁଇଥର, ଦୁଇଥର ବିଶେଷ ଘଟଣାରେ, ଅଷ୍ଟ୍ରେଲିଆ ଏବଂ ବ୍ରିଟିଶ କଲୋନିସ । ଏହା ସହ, ଜର୍ଜ ମୂଲର ୪୨ଟି ଦେଶରେ ପ୍ରଚାର କରିଥିଲେ, ତାମଧ୍ୟରେ ଚୀନ ଏବଂ ଜାପାନ ଅର୍ନ୍ତଭୁକ୍ତ । ଏହା ଆକଳନ କରାଯାଇଥିଲା ଯେ ୧୭ବର୍ଷ ସମୟ ମଧ୍ୟରେ ସେ ୨,୦୦,୦୦୦ମାଇଲ ମିଶନାରୀ ଯାତ୍ରା କରିଥିଲେ, ୩ମିଲିୟନରୁ ଅଧିକ ଲୋକଙ୍କୁ ସମ୍ବୋଧିତ କରିଥିଲେ ।

ମାର୍ଚ୍ଚ ୯ତାରିଖ, ୧୮୯୮ ମୂଲର ବ୍ରିଷ୍ଟଲ ମଣ୍ଡଳୀର ପାଷ୍ଟରଥିବା ସମୟରେ ଏକ ପ୍ରାର୍ଥନା ମିଟିଂ ପରିଚାଳନା କରିଥିଲେ । ତା' ପରଦିନ ମାର୍ଚ୍ଚ ୧୦ ତାରିଖ ମୂଲର ୯୨ ବର୍ଷ ବୟସରେ ମୃତ୍ୟୁ ବରଣ କଲେ । ଯେଉଁ ନିସହାୟମାନଙ୍କୁ ତାହାଙ୍କ କାର୍ଯ୍ୟରେ ପ୍ରଭାବିତ କରିଥିଲେ ଏବଂ ଅନାଥାଶ୍ରମ ଚଳାଇବା ସହ ଯେଉଁ ମଣ୍ଡଳୀର ସଭ୍ୟମାନଙ୍କୁ ନିୟମିତ ଭାବେ ପ୍ରଚାର କରୁଥିଲେ ସେହି ସମସ୍ତେ ତାହାଙ୍କ କଫିନ ପଛରେ ଶୋଭା ଯାତ୍ରାରେ ଚାଲିଲେ । ଜର୍ଜଙ୍କର ନାଟକୀୟ ପରିବର୍ତ୍ତନ ପରେ, ସେ ପ୍ରାର୍ଥନାର ମନୁଷ୍ୟ ହେଲେ । ସେ ଜାଣିଥିଲେ ଯେ ଈଶ୍ୱର ତାହାଙ୍କ ସମସ୍ତ ଆବଶ୍ୟକତାକୁ ଯୋଗାଇବେ ଏବଂ ଏପରିକି ଅସହାୟମାନଙ୍କର ମଧ୍ୟ । ମୂଲରଙ୍କ କାହାଣୀ ମାଧ୍ୟମରେ, ଆମ୍ଭେମାନେ ପ୍ରାର୍ଥନା ଦ୍ୱାରା ଲକ୍ଷ୍ୟ ସାଧନ ପାଇଁ ଅଧ୍ୟବସାୟ କରିବା ଶିକ୍ଷା କଲୁ ଏବଂ ସେହି ଈଶ୍ୱର ତାହାଙ୍କ ସମୟ ଅନୁସାରେ ଉତ୍ତର ଦେବେ । ଜର୍ଜ ମୂଲର ଆମ୍ଭମାନଙ୍କୁ ଶିକ୍ଷା ଦେଇଛନ୍ତି ଯେ ବିଶ୍ୱାସ ଏବଂ ଖ୍ରୀଷ୍ଟିୟାନ ସେବାକାର୍ଯ୍ୟ ପ୍ରାର୍ଥନା ଦ୍ୱାରା ଏକ ହୋଇ ଚାଲିବା ।

**ଭାଇ. ଡେଭିଡ ବେନି**

# ବାଙ୍ଗୁରୁସୁନି ମଣ୍ଡଳୀ ଇତିହାସ

ପ୍ରାରମ୍ଭରୁ ଫେବୃଆରୀ ୨୦୧୪
ହରିଚନ୍ଦ୍ରପୁର କ୍ଷେତ୍ର,
ଉତ୍କଳ ଅଞ୍ଚଳ,
ଦକ୍ଷିଣ ପୂର୍ବ ଜୋନ



ଲିଖିତ:
**ଶ୍ରୀମତୀ ଏଗନେସ ଏଡଓ୍ୱାର୍ଡ**

ଓଡିଶାର କେନ୍ଦୁଝର ଜିଲ୍ଲାର ହରିଚନ୍ଦ୍ରପୁର ବ୍ଲକର ଦଇତାରୀ ପଞ୍ଚାୟତର ବାଙ୍ଗରୁସୁନି ଏକ ମଧ୍ୟମ ଧରଣର ଗ୍ରାମ ଅଟେ । ଏଠାରେ ସର୍ବମୋଟ୨୭୯ ଟି ପରିବାର ବାସ କରନ୍ତି । ଓଡିଶା ସହ ତୁଳନା କଲେ ବାଙ୍ଗରୁସୁନି ଗ୍ରାମରେ ଶିକ୍ଷାର ହାର ବହୁତ କମ୍ । ବାଙ୍ଗରୁସୁନି ଗ୍ରାମ ସରପଞ୍ଚଙ୍କ ଦ୍ୱାରା ଶାସିତ ହୁଏ(ଗ୍ରାମର ମୁଖିଆ) ଯିଏକି ଗ୍ରାମର ପ୍ରତିନିଧି ନିମନ୍ତେ ନିର୍ବାଚିତ ହୋଇଥାନ୍ତି । ବାଙ୍ଗୁରୁସୁନି ଗ୍ରାମରେ, ଅଧିକାଂଶ ଜନସଂଖ୍ୟା ଅନୁସୂଚୀତ ଜନଜାତି । ବାଙ୍ଗରୁସୁନି ଗ୍ରାମର ସର୍ବମୋଟ ଲୋକସଂଖ୍ୟାର ଅନୁସୂଚୀତ ଜନଜାତି(ଏସଟି) ହାର୭୨.୬୨% ଯେତେବେଳେ ଅନୁସୂଚୀତ ଜାତି (ଏସସି) ୨.୧୮% । ବାଙ୍ଗୁରୁସୁନି ଗ୍ରାମର ମୋଟ ଜନସଂଖ୍ୟାର ୯୨.୯୧% ଲୋକ ସ୍ୱଳ୍ପ କାର୍ଯ୍ୟ କରିଥାନ୍ତି ଯାହା ୬ମାସରୁ କମ୍ ସମୟ ନିମେନ୍ତ ଜୀବିକା ଯୋଗାଇଥାଏ ।

## ସେବାକାର୍ଯ୍ୟର ଆରମ୍ଭ:

କେଉଁଝର ମିଶନ କ୍ଷେତ୍ର ଫେବୃଆରୀ୧୯୮୬ରେ ଖୋଲିଥିଲା । କେଉଁଝର କ୍ଷେତ୍ରରେ ଶ୍ରୀ ଫ୍ରେଡରିକ୍ ସତ୍ୟ ଶାମୁଏଲ ଏବଂ ଶ୍ରୀ ରୁବନ ଶାମୁଏଲ ପ୍ରଥମ ମିଶନାରୀ ଅଟନ୍ତି । ଏପ୍ରିଲ୧୯୮୬ରେ , ଶ୍ରୀ କେ.ଫ୍ରାନସିସ୍ ଏବଂ ତାଙ୍କ ପରିବାର ଯୋଗ ଦେଲେ ଶ୍ରୀ ଫ୍ରେଡରିକ୍ ସତ୍ୟ ଶାମୁଏଲ ତା'ପରେ ଶ୍ରୀ ରୁବନ ଶାମୁଏଲ ଅନ୍ୟ କ୍ଷେତ୍ରକୁ ବଦଳି ହେଲେ ।

ବାଙ୍ଗୁରୁସୁନି ଗ୍ରାମର ଶ୍ୟାମସୁନ୍ଦର ମୁଣ୍ଡା ରୋଗ(ଜ୍ୱର ଏବଂ ଦୁର୍ବଳତା)ରେ ୪ବର୍ଷ ଧରି କଷ୍ଟ ପାଉଥିଲା । ତାହାର ଭାଇ ରାମଚନ୍ଦ୍ର ମୁଣ୍ଡା ସୁସ୍ଥତା ପାଇବା ନିମନ୍ତେ ଶ୍ୟାମସୁନ୍ଦରକୁ ବହୁ ସ୍ଥାନକୁ ନେଇଥିଲା । ବହୁ ଗୁଣିଆମାନଙ୍କୁ ଡକାଇଥିଲା ଏବଂ ସେମାନେ ତାଙ୍କ ନିଜର ପଦ୍ଧତି ପ୍ରୟୋଗକରି ଚେଷ୍ଟା କରିଥିଲେ । ମଧ୍ୟ ସେମାନେ ବହୁ ହସପିଟାଲକୁ ଯାଇଥିଲେ ଏବଂ ବହୁ ମେଡିସିନ ନେଇଥିଲା । ଚିକିତ୍ସା ନିମନ୍ତେ ପ୍ରାୟ ଟ୫୦,୦୦୦ଖର୍ଚ୍ଚ ହୋଇଥିଲା ମାତ୍ର ଶ୍ୟାମସୁନ୍ଦର ମୁଣ୍ଡା ସୁସ୍ଥ ହୋଇ ନ ଥିଲା । ରାମଚନ୍ଦ୍ର ମୁଣ୍ଡା ତାହାର ଭାଇକୁ ସୁସ୍ଥତା ନିମନ୍ତେ ବିଭିନ୍ନ ସ୍ଥାନକୁ ନେଇ ଯାଇ ଥକି ଯାଇଥିଲା, ତେଣୁ ସେ ଚେଷ୍ଟା ଛାଡି ଦେଲା ।

### ପ୍ରଥମ ବିଶ୍ୱାସୀ ଶ୍ରୀ ଶ୍ୟାମସୁନ୍ଦର ମୁଣ୍ଡା ଏବଂ ମଣ୍ଡଳୀ ପ୍ରାଚୀନ ଶ୍ରୀ ରାମଚନ୍ଦ୍ର ମୁଣ୍ଡା



ଶ୍ରୀଶ୍ୟାମସୁନ୍ଦର ମୁଣ୍ଡା



ଶ୍ରୀ ରାମଚନ୍ଦ୍ର ମୁଣ୍ଡା

ଏହି ଭାଇମାନଙ୍କର ଭଉଣୀ ମିଶ୍ରାମାଲ ଗ୍ରାମରେ(ପନ୍ଦପଡା ବ୍ଲକ, କେଉଁଝର)ରେ ରହୁଥିଲା ତାହା ସେମାନଙ୍କର ଗ୍ରାମଠାରୁ ୫୦କି.ମି ଦୂରରେ ଅବସ୍ଥିତ । ସେହି ଗ୍ରାମରେ କିଛି ଖ୍ରୀଷ୍ଟିୟାନମାନଙ୍କ ବିଷୟରେ ଶୁଣିବାକୁ ପାରିଲେ(କିଛି ଏଫଏମପିବି ବିଶ୍ୱାସୀ) । ତେଣୁ ଶ୍ୟାମସୁନ୍ଦର ମିଶ୍ରାମାଲ ଗ୍ରାମକୁ ଯିବାକୁ ନିର୍ଦ୍ଧାରଣ କଲେ ଏବଂ ତାହାଙ୍କ ପାଇଁ ପ୍ରାର୍ଥନା କରିବେ ଯାହାକି ଏକ ଶେଷ ପ୍ରଚେଷ୍ଟା । ଗୋଟିଏ ଦିନ ତାଙ୍କ ଭଉଣୀ ଘର ମିଶ୍ରାମାଲକୁ ଗଲେ ଏବଂ ସେ ମଣ୍ଡଳୀ ପ୍ରାଚୀନ, ଶ୍ରୀ କାନୁ ମୁଣ୍ଡା ସହ ସାକ୍ଷାତ କଲେ । ମଣ୍ଡଳୀ ପ୍ରାଚୀନ ଏବଂ ବିଶ୍ୱାସୀମାନେ ଶ୍ୟାମସୁନ୍ଦର ନିମନ୍ତେ ଗୋଟିଏ ହପ୍ତା ପ୍ରାର୍ଥନା କଲେ । ଈଶ୍ୱର ପ୍ରାର୍ଥନା ଶୁଣିଲେ ଏବଂ ଶ୍ୟାମସୁନ୍ଦର ସମ୍ପୂର୍ଣ୍ଣ ସୁସ୍ଥ ହେଲା । ଆଶ୍ଚର୍ଯ୍ୟ ସୁସ୍ଥତା କାରଣରୁ, ଶ୍ରୀ ଶ୍ୟାମସୁନ୍ଦର ମୁଣ୍ଡା ଖ୍ରୀଷ୍ଟଙ୍କୁ ଗ୍ରହଣ କଲା ଏବଂ କିପରି ପ୍ରାର୍ଥନା କରିବାକୁ ହୁଏ ତାହା ଶିଖିଲା । ଏକ ସପ୍ତାହ ପରେ ସେ ବାଙ୍ଗୁରୁସୁନିକୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଫେରିଲା । ତାହାର ଭାଇ, ରାମଚନ୍ଦ୍ର ମୁଣ୍ଡା ତାହାକୁ ସୁସ୍ଥ ଦେଖି ଚକିତ ହେଲା ।

ସେଠାରେ ଏକ ବିଶ୍ୱାସ ଏବଂ ରୀତି ରହିଛି ଯେ ଶସ୍ୟ ଅମଳ ହେବା ପୂର୍ବରୁ ଏକ କୁକୁଡା ବଳି ଦିଆ ଯିବ, ଯାହାକି ଜମିରେ ପଡି ମରିବ । ଖ୍ରୀଷ୍ଟଙ୍କୁ ଗ୍ରହଣ କଲା ପରେ, ଶ୍ୟାମସୁନ୍ଦର ତାହାର ଭାଇ ଏବଂ କିଛି ଗ୍ରାମବାସୀମାନଙ୍କୁ କୁକୁଡା ବଳିରୁ ବିରତ ରହିବା କଥା ପଚାରିଲେ । ସେ ପ୍ରାର୍ଥନା କରିବାକୁ ସେମାନଙ୍କୁ ଜୋର ଦେଲା ଏବଂ ଫସଲ ଅମଳ ଆରମ୍ଭ କଲା । ତେଣୁ ସେମାନେ କୁକୁଡା ବଳି ପ୍ରଥାକୁ ବନ୍ଦ କଲେ ଏବଂ ସବୁକିଛି ଉତ୍ତମ ହେଲା । ତେଣୁ ତାହାର ଭାଇ, ରାମଚନ୍ଦ୍ର ମୁଣ୍ଡା ମଧ୍ୟ ଖ୍ରୀଷ୍ଟଙ୍କୁ ଗ୍ରହଣ କଲା ।

ଏହି ସମୟରେ ବାଙ୍ଗୁରୁସୁନି ଗ୍ରାମରେ ଶ୍ରୀ ଗୁରୁଚରଣ ଜୀବନରେ ଅନ୍ୟ ଆଶ୍ଚର୍ଯ୍ୟ ଘଟଣା ଘଟିଲା । ତାହାର ସ୍ତ୍ରୀକୁ ୨ବର୍ଷ ଧରି ନାଳଝାଡା ଏବଂ ଅନ୍ୟ ଦୁର୍ବଳତା ରହିଥିଲା । ଶ୍ୟାମସୁନ୍ଦର ଜୀବନରେ ଆଶ୍ଚର୍ଯ୍ୟକାର୍ଯ୍ୟ ଦେଖି, ଶ୍ରୀ ଗୁରୁଚରଣ ତାହାକୁ ପ୍ରାର୍ଥନା ପାଇଁ ମିଶ୍ରାମାଲ ଗ୍ରାମକୁ ନେଲା । ତାହା ନିମନ୍ତେ ପ୍ରାର୍ଥନା କରାଗଲା, ମାତ୍ର ସେ ସୁସ୍ଥ ହେଲା ନାହିଁ । ତେଣୁ ମିଶ୍ରାମାଲାର ବିଶ୍ୱାସୀମାନେ ଗୋଟିଏ କାଗଜରେ ଏକ ଛୋଟ ପ୍ରାର୍ଥନା ଲେଖିଦେଲେ ଏବଂ ସେମାନଙ୍କର ଗ୍ରାମକୁ ପଠାଇ ଦେଲେ । ଗୋଟିଏ ରାତିରେ ସେ ବହୁତ ଅସୁସ୍ଥ ହେଲା, ତାହାର ସ୍ୱାମୀ, ଶ୍ରୀ ଗୁରୁଚରଣ କାଗଜ ଖଣ୍ଡକୁ ନେଲା ଏବଂ ଛୋଟ ପ୍ରାର୍ଥନାକୁ ପଢିଲା । ସେହି ରାତିରେ, ଈଶ୍ୱର ଆଶ୍ଚର୍ଯ୍ୟ ଭାବରେ ତାହାକୁ ସୁସ୍ଥ କଲେ । ତେଣୁ ଶ୍ରୀ ଗୁରୁଚରଣ ସମଗ୍ର ପରିବାର ଖ୍ରୀଷ୍ଟଙ୍କୁ ଗ୍ରହଣ କଲେ ।

ମାସେ ପରେ, ମିଶ୍ରାମାଲ ଗ୍ରାମର ମଣ୍ଡଳୀ ପ୍ରାଚୀନ ଯିଏ ଶ୍ୟାମସୁନ୍ଦରକୁ ଖ୍ରୀଷ୍ଟଙ୍କ ବିଷୟରେ କହିଥିଲେ ଭାଇମାନଙ୍କୁ ଦେଖା କରିବାକୁ ବାଙ୍ଗୁରୁସୁନି ଆସିଲେ । ତାହାଙ୍କ ସାକ୍ଷାତ ସମୟରେ, ସେ ପ୍ରଭୁଙ୍କର ଉପାସନା କିପରି କରିବାକୁ ହୁଏ ତାହା ସେମାନଙ୍କୁ ଶିଖାଇଲେ । ଯେହେତୁ ରାମଚନ୍ଦ୍ର ଜଣେ ଶିକ୍ଷିତ ବ୍ୟକ୍ତି, ସେମାନଙ୍କର ଘରେ ସେ ଉପାସନା ପରିଚାଳନା କରିବା ଆରମ୍ଭ କଲେ । ତେଣୁ ସମସ୍ତ ତିନୋଟି ପରିବାର(୧୦ଜଣ ସଭ୍ୟ) ପ୍ରଭୁଙ୍କଠାରେ ଉପାସନା ଆରମ୍ଭ କଲେ । ପ୍ରଥମରେ ଉପାସନା ସମୟରେ, ଶ୍ୟାମସୁନ୍ଦର ଏବଂ ରାମଚନ୍ଦ୍ର ମୁଣ୍ଡାର ବଡଭାଇ ସେମାନଙ୍କୁ ବିରୋଧ କଲା । ସେ ତାହାର ସାଇକଲକୁ ଜଙ୍ଗଲରେ ଲୁଚାଇ ଦେଲା ଏବଂ କୁରାଢି ଆଣିଲା ଏବଂ ସେମାନଙ୍କୁ ହତ୍ୟା କରିବ ବୋଲି ଧମକ ଦେଲା । ପରେ, ଗୋଟିଏଦିନ ସେ ଘରୁ ବାହାର କରି ପିଛା କରି ଗୋଡାଇଲା । ତେଣୁ ଭାଇମାନେ ସେମାନଙ୍କର ବଡ ଭାଇ ବିରୁଦ୍ଧରେ ଏକ ପୋଲିସ ଅଭିଯୋଗ କଲେ । ପୋଲିସର ହସ୍ତକ୍ଷେପରେ, ବିରୋଧ ଶାନ୍ତ ହେଲା ।

## ମଣ୍ଡଳୀ ବୃଦ୍ଧି:

ଶ୍ରୀ ଶ୍ୟାମସୁନ୍ଦର ଘରେ ଉପାସନା ଚାଲିଥାଏ, ସୁସ୍ଥତାର ଆଶ୍ଚର୍ଯ୍ୟ କାର୍ଯ୍ୟ ଦ୍ୱାରା ବହୁ ଲୋକ ଖ୍ରୀଷ୍ଟଙ୍କୁ ଗ୍ରହଣ କରିବା ଆରମ୍ଭ କଲେ । ଶ୍ରୀ କେଶବ ମୁଣ୍ଡା ତା'ର ସାକ୍ଷ୍ୟ ବର୍ଣ୍ଣନା କରୁଛି



'ବାଙ୍ଗୁରୁସୁନି ଗ୍ରାମରୁ ମୁଁ କେଶବ ମୁଣ୍ଡା । ମୋର ବାପା ଥିଲେ ଜଣେ ରଉଦିଆ(ଗୁଣିଆ) । ସେ ଗାଁରୁ ଗାଁକୁ ଯାଇ ରୋଗୀମାନଙ୍କ ନିମନ୍ତେ ମନ୍ତ୍ର ପାଠ କରୁଥିଲେ । ମୁଁ ସର୍ବଦା

ମୋର ବାପାଙ୍କ କାମକୁ ଭଲ ପାଉ ନଥିଲି । କଟକ ନିକଟରେ ମୋର ମାମୁଁ ଝିଅ ଭଉଣୀ ଘରକୁ ଯାଇଥିଲି । ସେଠାରେ ମୁଁ ଯୀଶୁଙ୍କ ଚଳଚିତ୍ର ଦେଖିଲି ଏବଂ ଯେହେତୁ ମୁଁ ୧୦ମ ଶ୍ରେଣୀ ଯାଏ ପଢିଥିଲି, ତେଣୁ ମୋତେ ବାଇବଲ ଦିଆଯାଇଥିଲା ପ୍ରତିଦିନ ପଢିବାକୁ । ମୋର ଗ୍ରାମକୁ ଫେରି ଆସିବା ପରେ, ମୁଁ କେଭେ କେଭେ ବାଇବଲ ପଢେ ମାତ୍ର ମୋର ଶାସ୍ତ୍ର ପ୍ରତି କୌଣସି ଆଗ୍ରହ ନ ଥିଲା ।

ଦିନ ବିତିବାକୁ ଲାଗିଲା, ମୋର ବାପା ରୋଗରେ ପଡିଲେ । ସେ ବହୁ ଜ୍ୱରରେ ପଡିଲେ । ମୋର ଭାଇ ବିଭିନ୍ନ ସ୍ଥାନରୁ ଗୁଣିଆମାନଙ୍କୁ ଆଣିଲା ଏବଂ ମୋର ବାପା ପାଇଁ ମନ୍ତ୍ର ଯାପ କଲୁ । ଯେହେତୁ ମୁଁ ଅଳ୍ପ କିଛି ଯୀଶୁଙ୍କ ବିଷୟରେ ଜାଣିଥିଲି, ମୋର ବାପାଙ୍କୁ ପ୍ରଭୁଙ୍କ ବିଷୟରେ କହିଲି । କିନ୍ତୁ ମୋର ବାପା ମନା କରିଦେଲେ । ଶେଷରେ ମୋର ବାପା ମରିଗଲେ ।

କିଛି ବର୍ଷ ବିତିଲା ପରେ, ମୋର ମାଆ ମଧ୍ୟ ସେହି ସମାନ ରୋଗରେ ପୀଡିତ ହେଲେ । ମୋର ଭାଇ ମୋତେ କହିଲା ଗୁଣିଆମାନଙ୍କୁ ଡାକିବା ଏବଂ ମନ୍ତ୍ର ପଢିବାରେ କୌଣସି ସୁଫଳ ମିଳୁ ନାହିଁ । ତେଣୁ ସେ ପରାମର୍ଶ ଦେଲା ଯେ ମୋର ମାଆକୁ ବିଶ୍ୱାସୀମାନଙ୍କ(ଶ୍ୟାମସୁନ୍ଦର ଏବଂ ରାଗଚନ୍ଦ୍ର ମୁଣ୍ଡା) ପାଖକୁ ପ୍ରାର୍ଥନା ପାଇଁ ନେଇଯିବା । ମୁଁ ମଧ୍ୟ ସହମତି ହେଲି ଏବଂ ଆମ୍ଭେମାନେ ଆମର ମାଆକୁ ବିଶ୍ୱାସୀମାନଙ୍କ ପାଖକୁ ନେଲୁ । ମୋର ମାଆ ଏତେ ଦୁର୍ବଳ ଥିଲା ଯେ ସେ ଖଟରେ ପଡି ରହିଲା ଏବଂ ଆମେ ତାହାକୁ ବୋହି କରି ନେଲୁ । ମୋର ମାଆ ପାଇଁ ବିଶ୍ୱାସୀମାନେ ପ୍ରାର୍ଥନା କଲେ ଏବଂ ଆମ୍ଭେ ବିସ୍ମୟ ହେଲୁ ଆମର ମାଆ ସାଙ୍ଗେ ସାଙ୍ଗେ ସୁସ୍ଥ ହେଲା । ଆମ୍ଭେମାନେ ନଡିଆ କିମ୍ବା ଛେଳି କିମ୍ବା କୁକୁଡା ବଳି ଦେବାକୁ ଦେଇ ନ ଥିଲୁ ମାତ୍ର ଈଶ୍ୱର ସୁସ୍ଥ କଲେ । ସେହି ସ୍ଥାନୀୟ ଇଭାନଜଲିଷ୍ଟ, କେଶବ ମୁଣ୍ଡା:

କେଉଁଝର ଫିଲ୍ଡ ଇତିହାସରୁ ଫେବୃଆରୀ ୨୦୦୯ଏହି ଆଶ୍ଚର୍ଯ୍ୟ କର୍ମ ବଣ୍ଟିତ ହୋଇଥିଲା । "ଶ୍ରୀ ସାଧୁ ମୁଣ୍ଡା ବାଙ୍ଗୁରୁସୁନିର ଜଣେ ଗୁଣିଆ ଥିଲା । ହଠାତ୍ ସେ ଅସୁସ୍ଥ ହୋଇ ପଡିଲା । ତାହାର ଶରୀରର ଚମଡା ଛାଡିବାକୁ ଲାଗିଲା । ଏପରିକି ଗୋଡର ପାଦରୁ ଚମଡା ଛାଡିଲା । ତେଣୁ ସେ ଚାଲି ପାରିଲା ନାହିଁ । ସେ ମୃତ୍ୟୁ - ଶଯ୍ୟାରେ ପଡିଥିଲା । ସେହି ସମୟରେ, ଜଣେ ବିଶ୍ୱାସୀ ତାଙ୍କ ସହ ଦେଖା କଲେ ଏବଂ ତାଙ୍କ ପାଇଁ ପ୍ରାର୍ଥନା କଲେ । ଈଶ୍ୱର ସାଧୁ ମୁଣ୍ଡାକୁ ସମ୍ପୂର୍ଣ୍ଣ ଭାବେ ସୁସ୍ଥ କଲେ । ସେ ଖ୍ରୀଷ୍ଟଙ୍କୁ ଗ୍ରହଣ କଲେ ।"

ଯେପରି ବିଶ୍ୱାସୀମାନଙ୍କର ସଂଖ୍ୟା ବଢିବାକୁ ଲାଗିଲା, ନିକଟ ଗ୍ରାମଗୁଡିକରେ ବିରୋଧୀମାନେ ମଧ୍ୟ ବଢିବାକୁ ଲାଗିଲେ । ୨୯.୯.୨୦୦୯ରେ ବାଙ୍ଗୁରୁସୁନି ପଞ୍ଚାୟତର କିଛି ଲୋକ ରାମଚନ୍ଦ୍ର ମୁଣ୍ଡା ଏବଂ ଶ୍ୟାମସୁନ୍ଦର ମୁଣ୍ଡାର କିଛି ଏକର ଜମିକୁ କବଜା କରି ନେଲେ । ଅନ୍ୟ ମତବାଦର ଜଣେ ବ୍ୟକ୍ତି ଯାହାର ରାଜନୈତିକ ପ୍ରଭାବ ରହିଥିଲା ସେ ବିଶ୍ୱାସୀମାନଙ୍କୁ ସାହାଯ୍ୟ କଲା । ତେଣୁ ପ୍ରଭୁ ବିଶ୍ୱାସୀମାନଙ୍କର ଜମିକୁ ସୁରକ୍ଷା ଦେଲେ । ଅକ୍ଟୋବର ୨୦୦୯ରେ, ରାମଚନ୍ଦ୍ର ମୁଣ୍ଡା ଏବଂ ଶ୍ୟାମସୁନ୍ଦର ମୁଣ୍ଡା ନିଜ ଜମିକୁ ପରିଷ୍କାର କରିବା ନିମନ୍ତେ ଗଲେ । ସୁକାଟିର ଗ୍ରାମବାସୀମାନେ ଆସିଲେ ଏବଂ ସେମାନଙ୍କର କୁରାଢି ଛଡାଇନେଲେ । ଏପରି ବିରୋଧ ମଣ୍ଡଳୀର ବୃଦ୍ଧିରେ ବାଧା ଆଣି ନଥିଲା ।

## ମଣ୍ଡଳୀ ଜମି:

ବାଙ୍ଗୁରୁସୁନି ମଣ୍ଡଳୀର ଜମି ତିନିଜଣ ଭାଇ, ଶ୍ରୀ ହରି ତିରିୟା, ଦୀପକ ତିରିୟା ଏବଂ ଘନୁଶ୍ୟାମ ତିରିଆ ଦାନ କରିଥିଲେ । ବିଶ୍ୱାସୀମାନଙ୍କର ସଂଖ୍ୟା ବଢିଲା ସେଥିପାଇଁ ସେମାନେ ସେମାନଙ୍କର ଚାଷ ଜମିକୁ ଗୀର୍ଜାଗୃହ ନିର୍ମାଣ ନିମନ୍ତେ ଦାନ କଲେ । ପ୍ରଥମ ବିଶ୍ୱାସୀ, ରାମଚନ୍ଦ୍ର ମୁଣ୍ଡା ମଧ୍ୟ ତାଙ୍କ ଜମି ଦାନ କରିବାକୁ ଇଛା କରିଥିଲେ । ତିନିଭାଇ ଯେଉଁ ଜମି ଦାନ କରିଥିଲେ ତାହା ଗ୍ରାମ ମଧ୍ୟ ଭାଗରେ ଅବସ୍ଥିତ, ତେଣୁ ସେମାନଙ୍କ ଜମିରେ ଗୀର୍ଜାଗୃହ ନିର୍ମାଣ ହେବ, ଏହା ସ୍ଥିର କରାଗଲା ।

## ମଣ୍ଡଳୀ:

ଦିନ ଆମ୍ଭେ ଅନୁଭବ କଲୁଯେ ଯୀଶୁ ହିଁ ଉଦ୍ଧାରକର୍ତ୍ତା ଏବଂ ପ୍ରଭୁ ଅଟନ୍ତି ।

ସେହିଦିନଠାରୁ ମୁଁ ବିଶ୍ୱସ୍ତ ସହକାରେ ବାଇବଲ ପଢିବା ଆରମ୍ଭ କଲି ଏବଂ ଆମ୍ଭେମାନେ ରାମୁ ଭାଇଙ୍କ ଘରେ ଉପାସନାରେ ଯୋଗ ଦେବା ଆରମ୍ଭ କଲୁ । ଯେତେବେଳେ ମୁଁ ସ୍ଥାନୀୟ ଇଭାନଜଲିଷ୍ଟ, ନନ୍ଦୁଭାଇଙ୍କୁ ପ୍ରଭୁଙ୍କ ସେବା କରିବା ଦେଖିଲି, ମୁଁ ମଧ୍ୟ ପ୍ରଭୁଙ୍କର ସେବା କରିବା

ନିମନ୍ତେ ଆଗ୍ରହୀ ହେଲି । ମୋର ବାପା ଗ୍ରାମରୁ ଗାଁ ଯାଇ ରୋଗୀମାନଙ୍କ ନିମନ୍ତେ ମନ୍ତ୍ରପାଠ କରୁଥିଲେ । ମୁଁ ସ୍ଥିର କଲି ଗାଁରୁ ଗାଁକୁ ଯାଇ ସୁସମାଚାର ଘୋଷଣା କରିବି । ୨୦୧୦, ମୁଁ ଏଫଏମପିବିରେ ଏକ ସ୍ଥାନୀୟ ଇଭାନଜଲିଷ୍ଟ ଭାବେ ଯୋଗଦାନ କଲି ।ବାଙ୍ଗୁରୁସୁନି ମଣ୍ଡଳୀ ସଭ୍ୟମାନେ ନିମ୍ନ ଲିଖିତ ଗ୍ରାମଗୁଡିକରୁ ଆସିଛନ୍ତି: ବାଙ୍ଗୁରୁସୁନି (ବୋଙ୍ଗା ଚପେଲ, ବଡସପା, ବନ୍ଦନିଆ, ବଗୁଥିଆ)ଅସନପାଡି ଏବଂ ନୀରପାନି ଗ୍ରାମଗୁଡିକ । ସମସ୍ତେ ହୋ ଲୋକଦଳର ଅଟନ୍ତି । ବାଙ୍ଗରୁସୁନି ମୂଳଦୁଆ ପଥର ଅକ୍ଟୋବର ୨୦୧୧ରେ ସ୍ଥାପନ କରାଗଲା । ବିଶ୍ୱାସୀମାନେ ନିଜେ ଇଟା ତିଆରି କଲେ ଏବଂ ମୁକ୍ତ ଶ୍ରମକାର୍ଯ୍ୟ କଲେ । ଜଣେ ମିସ୍ତ୍ରୀକୁ କେବଳ ସେମାନେ ଟଙ୍କା ଦେଲେ । ବାଙ୍ଗୁରୁସୁନି ଗୀର୍ଜାଗୃହ ଈଶ୍ୱରଙ୍କ ଗୌରବ ନିମନ୍ତେ ଉତ୍କଳ ଆଞ୍ଚଳିକ ସେକ୍ରେଟେରୀ ରେଭ.ଟି. ଆଲବିନଙ୍କ ଦ୍ୱାରା ୨୭.୧.୨୦୧୩ରେ ଉତ୍ସର୍ଗ କରାଗଲା । ମିଶନେରୀମାନେ, ରେଭ. ଏବଂ ଶ୍ରୀମତୀ ସମରେନ୍ଦ୍ର ସିଂହ, ଶ୍ରୀ ଏବଂ ଶ୍ରୀମତୀ ବିମଲ ଚନ୍ଦ୍ର ମୁର୍ମୁ, ମଣ୍ଡଳୀ ପ୍ରାଚୀନମାନେ ଏବଂ ବିଶ୍ୱାସୀମାନେ ମଧ୍ୟ ଉପସ୍ଥିତ ଥିଲେ ।

ବାଙ୍ଗୁରୁସୁନି ମଣ୍ଡଳୀରେ ଯୋଉ ମିଶନାରୀ ପରିବାରଗୁଡିକ ସେବା କରୁଥିଲେ ସେମାନେ ହେଲେ ଅଶୋକ ନାୟକ, ହରମୋହନ, ସମରେନ୍ଦ୍ର ସିଂହ, ବିମଲ ଚନ୍ଦ୍ର ମୁର୍ମୁ ଏବଂ ଗଣେଶ ।

ଆଗ୍ରହୀ ସମ୍ପର୍କୀୟମାନେ ବିଶ୍ୱାସୀମାନଙ୍କ ସହ ସମ୍ପର୍କ ସ୍ଥାପନ କରୁଥିଲେ ଏବଂ ବିଶ୍ୱାସୀମାନେ ଆଗ୍ରହୀ ସମ୍ପର୍କୀୟମାନଙ୍କ ଘରକୁ ସ୍ଥାନୀୟ ଇଭାନଜଲିଷ୍ଟଙ୍କୁ ନେଇ ଯାଉଥିଲେ । ଏହି ରଣ ନୀତି ସହ ୩ଟି ମଣ୍ଡଳୀ କାଳିମାଟି, ଧଦୁକାନି ଏବଂ ମିସେରମା ପ୍ରତିଷ୍ଠା ହୋଇଛି ।

## ପ୍ରାର୍ଥନା ନିବେଦନ:

- ବିଶ୍ୱାସୀମାନଙ୍କର ଆତ୍ମିକ ବୃଦ୍ଧି ନିମନ୍ତେ
- ମଣ୍ଡଳୀ ଗୁଣାତ୍ମକ ଏବଂ ମାତ୍ରାତ୍ମକ ଦିଗରେ ବୃଦ୍ଧି ପାଇବ
- ସୁସମାଚାରର ବିରୋଧୀମାନଙ୍କର ଅନୁତାପ ନିମନ୍ତେ
- ଆଉଟରିଚ୍ କାର୍ଯ୍ୟରେ ବିଶ୍ୱାସୀମାନେ ସମ୍ପୃକ୍ତ ହେବେ ନିମନ୍ତେ
- ମଣ୍ଡଳୀର ସମାଜିକ - ଅର୍ଥନୈତିକ ଉନ୍ନତି ନିମନ୍ତେ ।


PLEASE VISIT OUR WEBSITE FOR MORE INFORMATION

www.fmpb.co.in



**1** **MARCH**
Tuesday

## *Happy Birthday*

Mr. Tinggeu Zeme
Mr. Dalzakam Suantak
Mrs. Surabhi Beero Ashok Nayak
Mrs. Ellah Pamei Zeme
Mr. Binot Sompramary
Mr. Lunkim Tongkam Khongsai
Mr. Ditungbou K.
Mr. Jaybeer Singh
Mr. Letkholun Baite
Mrs. Tingnei Neng Singson
Mr. Dihe S.
Mr. Omprakash Gupta
Mr. Thangvansang G.
Mr. Kuldeep  Singh
Mr. Jamkhongam Haokip L.
Mrs. Margreat Singh Das
Mr. Ningthoujam Alon Singh
Mrs. Hoitin Mate Lal

# ହିମାଚଳ ପ୍ରଦେଶ

## ଅନ୍ନି:

## ଗିନ ସ୍ୱାମ ଏବଂ ଚିଙ୍ଗ ହୋଇ କିମ;
## ଶଙ୍କର ଏବଂ ରୁଥ ମେରୀ

**ପ୍ରଶଂସା:**ପାଞ୍ଚଜଣ ବ୍ୟକ୍ତି ଯୀଶୁଖ୍ରୀଷ୍ଟଙ୍କ ନିକଟକୁ ବିଶ୍ୱାସରେ ଆସିଛନ୍ତି ଏବଂ ୪ଟି ଗ୍ରାମରେ ନୂଆରେସୁସମାଚାରପହଞ୍ଚିଥିଲା ।ବସନ୍ତପୁରଠାରେ ଏକ ନୂଆ ଉପାସନା କେନ୍ଦ୍ର ଖୋଲିବାକୁ ଈଶ୍ୱର ଆମ୍ଭକୁ ସକ୍ଷମ କରିଥିଲେ । ନିଥର, ଭନ୍ଦଲ, ବସନ୍ତପୁରଅଞ୍ଚଳରେଉପାସନାସେବାରେବହୁଜଣ ଆଶୀର୍ବାଦ ଲାଭ କରିଥିଲେ । ଆମ୍ଭ ବିଶ୍ୱାସୀ କୁସୁମ ଝିଅର ୟୁଟ୍ରେସରେ ହୋଇଥିବା ଇନ୍‌ଫେକସନରୁ ଈଶ୍ୱର ସୁସ୍ଥ କରିଥିଲେ ।

**ପ୍ରାର୍ଥନା:**ସୁନିଭ ଗ୍ରାମରେ ଉପାସନା କରିବା ନିମନ୍ତେ ଏକ ସ୍ଥାନର ଆବଶ୍ୟକତା ରହିଛି । ଆମ୍ଭ ବିଶ୍ୱାସୀ ଅଖିଲ ଇଲେକ୍ଟ୍ରି ଅଫିସରେ ଏକ ଚାକିରୀ ପାଇବ, ଏବଂ ସୁମେଶ ଏବଂ ଅନୀଲ ଚାକିରୀ ନିମନ୍ତେ ଦେଇଥିବା ପରୀକ୍ଷାରେ ପାଶ୍ କରିବେ । ନିଥର, ଭନ୍ଦଲ ଏବଂ ବସନ୍ତପୁରଠାରେ ହେଉଥିବା ମଣ୍ଡଳୀର ବୃଦ୍ଧି ନିମନ୍ତେ । ଶ୍ୟାମ ଲାଲ ପରିବାରରେ ଶାନ୍ତି ନିମନ୍ତେ । ସଞ୍ଜୟ ମନ୍ଦଆତ୍ମା ବନ୍ଧନରୁ ଯେପରି ମୁକ୍ତ ହେବ । ଶ୍ୟାମୁଦେବୀ ଏଲର୍ଜିରୁ ଏବଂ ବୁଜରୁ ଗଳାର ସଂକ୍ରମଣରୁ ଯେପରି ରକ୍ଷା ପାଇବେ ।

## ଶୁଷ୍କସ୍ଥାନ ପ୍ରସ୍ଫୁଟିତ ହେଲା !

ମହାରାଷ୍ଟ୍ର, କୁଷ୍ଟାମୋଦି ମିଶନ କ୍ଷେତ୍ର, ଚଞ୍ଚଲି ଗ୍ରାମ ହତ୍ୟା ଏବଂ ସମସ୍ତ ପ୍ରକାର ମନ୍ଦକାର୍ଯ୍ୟ ନିମନ୍ତେ ଜଣାଯାଏ । ଯଦି କେହି ଅଜଣା ବ୍ୟକ୍ତି ଗ୍ରାମରେ ପବେଶ କରେ, ତାହାକୁ ହୁଏତ ହତ୍ୟା କରାଯାଉଥିଲା ଏବଂ ପାହାଡରେ ତାହାର ମୃତ ଦେହକୁ ଫୋପାଡି ଦେଉଥିଲେ । କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହରୁ ଏହି ଗ୍ରାମରେ ଏକ ସମ୍ପର୍କ ପାଇଲୁ ଏବଂ ଟେମରିୟା ଅଥନିୟା ଭାସବ ଯିଏକି ଦୁଇ ବର୍ଷ ଧରି ଅସୁସ୍ଥ ଥିଲେ ଏବଂ ସେ ଉଠି ପାରୁ ନଥିଲେ ଏବଂ ଖାଇ ବି ପାରୁ ନଥିଲେ ତାହାଙ୍କ ଗୃହରେ ଉପାସନା ଆରମ୍ଭ ହେଲା । ଆମ୍ଭ ପ୍ରାର୍ଥନାର ଉତ୍ତର ସ୍ୱରୂପ ଈଶ୍ୱର ତାହାକୁ ସୁସ୍ଥ କଲେ ଏବଂ ଚଞ୍ଚଲି ଗ୍ରାମରେ ନୂଆରେ ଏକ ଉପାସନା ଦଳ ଗଠନ ହେଲା ଏବଂ ଅବୈଧ ଏବଂ ପାପପୂର୍ଣ୍ଣ ସମାଜର ଲୋକମାନଙ୍କ ଗହଣରେ ଏକ ଦଳ ଯୀଶୁଖ୍ରୀଷ୍ଟଙ୍କୁ ଗ୍ରହଣ କରିଥିଲେ ଏବଂ ଆଜିରଦିନରେ ଈଶ୍ୱର ଗୌରବାନିତ୍ୱ ହେଉଛନ୍ତି ।.

**2 MARCH**
Wednesday
*Fasting Prayer*

## ରାମପୁର:
### ଦୌଜାପାଓ ଗାଇଟେ ଏବଂ ଫ୍ଲୋରେନସ ଲମଭୁଙ୍ଗ

ପ୍ରଶଂସା:ଦୁଇଜଣ ବ୍ୟକ୍ତି ବିଶ୍ୱାସରେ ଯୀଶୁଖ୍ରୀଷ୍ଟଙ୍କ ନିକଟକୁ ଆସିଥିଲେ ଏବଂ ୭ଟି ଗ୍ରାମରେ ନୂଆରେ ସୁସମାଚାର ପହଞ୍ଚିଥିଲା । ୪୦ଜଣ ବ୍ୟକ୍ତି ନୂଆରେ ଆମ୍ଭ ସେବାକାର୍ଯ୍ୟ ସହ ସମ୍ପର୍କରେ ରହିଛନ୍ତି । ରାମପୁରଠାରେ ଉପାସନା ସେବାକାର୍ଯ୍ୟ କରିବା ନିମନ୍ତେ ଆମ୍ଭେମାନେ ସରକାରୀ ପ୍ରଶାସନଙ୍କଠାରୁ ଅନୁମତି ପାଇଛୁ । ଆମ୍ଭ ଯୁବାମାନେ ଏକ ସେମିନାର କାର୍ଯ୍ୟକ୍ରମରେ ଈଶ୍ୱରଙ୍କ ବାକ୍ୟ ଦ୍ୱାରା ଆତ୍ମିକ ଲାଳନପାଳନର ଗୁରୁତ୍ୱତାକୁ ବୁଝିଥିଲେ । ଆମ୍ଭ ଇଭାନଜଲିଷ୍ଟ ଭିରେନ୍ଦ୍ର ନେଗିର ସ୍ତ୍ରୀ ସୁଦେଶ୍ନା ନେଗି, ୧୪ଦିନ ଧରି ଏକ ଅଜଣା ରୋଗରେ କଷ୍ଟ ପାଉଥିଲା ଏବଂ ଗାର୍ଗି ମୃତ୍ୟୁ ଶଯ୍ୟାରୁ ଈଶ୍ୱର ଏମାନଙ୍କୁ ସୁସ୍ଥ କରିଥିଲେ । ଆମ୍ଭ ବିଶ୍ୱାସୀମାନଙ୍କ ମଧ୍ୟରୁ ବହୁଜଣ କୋଭିଡ'୧୯ର ଲକ୍ଷଣରୁ ସୁସ୍ଥ ହେଲେ । ଈଶ୍ୱର ରାମକି ଦେବୀଙ୍କୁ ମନ୍ଦଆତ୍ମା ବନ୍ଧନରୁ ମୁକ୍ତ କଲେ ।

ପ୍ରାର୍ଥନା: କଶପଥ ଅଞ୍ଚଳରେ ଏକ ପ୍ରାର୍ଥନା କରିବା ନିମନ୍ତେ ଯେପରି ଅନୁମତି ମିଳିବ । ନୂଆରେ ସମ୍ପର୍କ ସ୍ଥାପନ ହୋଇଥିବା ଲୋକମାନେ ପ୍ରଭୁଙ୍କ-ଠାରେ ବିଶ୍ୱାସକୁ ସ୍ୱୀକାର କରିବା ନିମନ୍ତେ ସମସ୍ତ ପ୍ରକାର ବନ୍ଧନ ଉପରେ ବିଜୟ ଲାଭ କରିବେ । ଟଓ, ହେଟରମ ଏବଂ ଦୌଲତରାମ ପଛକୁ ଫେରି ଯାଇଥିବା ବିଶ୍ୱାସୀମାନେ ବିଶ୍ୱାସକୁ ଯେପରି ଆସିବେ । ଆମ୍ଭ ଯୁବା ବିଶ୍ୱାସୀ ଆଇନା ଦେବୀ, ଅର୍ଚ୍ଚନା, ନଗେସ ଠାକୁର ଉପଯୁକ୍ତ ଚାକିରୀ ପାଇବେ । ସନୀ ନେଗି, ଉର୍ମିଳା, ଏବଂ ଶ୍ରୀଜନା ଆମ୍ଭ ବିଶ୍ୱାସୀଙ୍କର ପିଲାମାନେ ସେମାନଙ୍କର ଉଚ୍ଚ ପାଠପଢ଼ାରେ ଉତ୍ତମ କରିବେ । ମଟେରନି ଗ୍ରାମର ଚତ୍ରୀ ଦେବୀ ହାରନିଆରୁ, ଘନଶ୍ୟାମ ଏବଂ ପୁନମ ପୁରୁଣା ଜ୍ୱରରୁ ଏବଂ ଜୁନ ମାୟା ଅର୍ଶ୍ୱରୁ ସୁସ୍ଥ ହେବେ ।

## ଥାନେଦାର:
### ଭୂମବିଅକଲାଲ ଏବଂ ନିଆଙ୍ଗଖାନମାନ

ପ୍ରଶଂସା: ତିନୋଟି ଗ୍ରାମରୁ ନୂଆରେ ସୁସମାଚାର ପହଞ୍ଚିଥିଲା । ସର୍ବସାଧାରଣ ସଭାରେ ପାଖାପାଖି ୧୬୦ଜଣ ବ୍ୟକ୍ତି ଆଗ୍ରହର ସହ ଈଶ୍ୱରଙ୍କ ବାକ୍ୟ ଶୁଣିଥିଲେ । ବହୁ ପଛକୁ ଫେରି ଯାଇଥିବା ଏବଂ ନିଷ୍କ୍ରିୟ ବିଶ୍ୱାସୀମାନେ ବିଶ୍ୱାସରେ ସ୍ଥିର ରହିଥିଲେ । ବିଟ୍ଟୁ ଏବଂ ସପନା, ରାଜୀବ ଏବଂ ସୀମା, ସିବୁ ଏବଂ ରାଧିକା ଆମ୍ଭ ବିଶ୍ୱାସୀ ପରିବାରଗୁଡିକରେ ଈଶ୍ୱର ସନ୍ତାନର ଆଶୀର୍ବାଦ ଦେଇଛନ୍ତି । ଆମ୍ଭ ସହ ନୂଆରେ ସମ୍ପର୍କ ସ୍ଥାପନ ହୋଇଥିବା ଜଲଗ ଗ୍ରାମର ଲୀଲାବତୀ ପୁରୁଣା ମୁଣ୍ଡ ବ୍ୟଥାରୁ ଈଶ୍ୱର ସୁସ୍ଥ କଲେ । ଆମ୍ଭ ପ୍ରାର୍ଥନା ଦଳର ନେତାମାନେ ସକ୍ରିୟ ଭାବେ ଆଉଟରିଚ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ।

ପ୍ରାର୍ଥନା: ନନଖରୀ ଏବଂ ନରକଣ୍ଡା ଅଞ୍ଚଳରେ ଆମ୍ଭ ସେବାକାର୍ଯ୍ୟର ପ୍ରସାରଣ ନିମନ୍ତେ । ଥାନେଦାର ଏବଂ କିଙ୍ଗଲ ଗ୍ରାମରେ ଏକ ଗୀର୍ଜା ଗୃହ ନିର୍ମାଣ ନିମନ୍ତେ ଜମି ଆବଶ୍ୟକ । ମେହେର ସିଂହ, ତ୍ୱରୀ ଦେବୀ ଏବଂ ଆମ୍ଭ ଇଭାନଜଲିଷ୍ଟ ହରିନ୍ଦର ନେଗି ବାପାମା ଏବଂ ପ୍ରମିଲା ଏବଂ ବିମଲା ମେହତା ଯୋଉମାନେ ସେମାନଙ୍କର ନିଜର ସମାଜରେ ଅଧିକ ପ୍ରଭାବଶାଳୀ ଏସମସ୍ତଙ୍କର ପରିତ୍ରାଣ ନିମନ୍ତେ । ରାଜପୁର ର ଅନୁକୁଶ ଅବସାଦରୁ ସୁସ୍ଥ ହେବେ ।

**3 MARCH**
Thursday

*Happy Birthday*

Mrs. Jayaseeli Israel Devadoss
Mr. Paul Anandhan R.
Mr. Jeevan Ranjan Mohapatra
Mr. John Samuel A.
Mrs. Prastuta Bati Pani
Mrs. Mercy Elizabeth Sivasankaran
Mr. Thang Chin Lian
Mr. Vanaparla Satishkumar
Mr. Pradeep S., Mr. Khai Min Thang

# ପଞ୍ଜାବ

## ମୋଗା:

### ଜଷ୍ଟିନ ଓ୍ୱାଇ ଏବଂ ସରଲ ଜାନସି ରାନି

ପ୍ରଶଂସା: ତିନିଜଣ ବ୍ୟକ୍ତି ଖ୍ରୀଷ୍ଟ ଯେ ରକ୍ଷାକାରୀ ସେ ବିଷୟରେ ଜାଣିବାକୁ ପାରିଥିଲେ ଏବଂ ୪ଟି ଗ୍ରାମରେ ନୂଆରେ ସୁସମାଚାର ପହଞ୍ଚିଥିଲା ଏବଂ ଆମ୍ଭ ଆଉଟରିଚ୍ ଟିମ କଚ୍ଛେକିଲି, ଜଲାଲବାଦ ଏବଂ ମଥକେ ଗ୍ରାମରେ ସୁସମାଚାର ଘୋଷଣା କରିଥିଲେ । ଗୁରମିତ୍ କୌରକୁ ପିଠିର ଯନ୍ତ୍ରଣାରୁ, ବବଲି ବାଇ କୌରକୁ ପେଟରେ ହୋଇଥିବା ଷ୍ଟୋନରୁ, ହରପ୍ରୀତ୍ କୌରକୁ ଟାଏଫୋଏଡରୁ, ଅଜିତ୍ୱାଲ ମଣ୍ଡଳୀର ହରପ୍ରୀତ୍ କୌର ସ୍ନାୟୁ ସଂକ୍ରମଣରୁ, କରନ ନିମୋନିଆ, ସତନାମ ସିଂହ ପକ୍ଷାଘାତରୁ, କାଲୁ ସିଂହ ଦୁର୍ଘଟଣାରେ ଆଘାତରୁ ଏବଂ ପ୍ରବିଣ କୌର ଅର୍ଶ୍ୱରୁ ଏମାନଙ୍କୁ ଈଶ୍ୱର ସୁସ୍ଥ କରିଥିଲେ ।

ପ୍ରାର୍ଥନା:ପଛକୁ ଫେରି ଯାଇଥିବା ବିଶ୍ୱାସୀମାନେ ବିଶ୍ୱାସରେ ସ୍ଥିର ରହିବେ । ଅଜିତ୍ୱାଲ, ଚୁଡଚକ, ରାଇକୋଟ, କୋଟଲି, ଧରମକୋଟ, ବୋପାରା, ଭିନ୍ଦେର କଲାନ, କିଶନ ପୁରା, ଜଗରନ, ଟିଡେକ୍ ଏବଂ ଡୁଡିକେ ଗ୍ରାମଗୁଡିକରେ ସୁସମାଚାର ପ୍ରଚାର ନିମନ୍ତେ ଦ୍ୱାର ଖୋଲା ରହିବ । ସମସ୍ତ ବିଶ୍ୱାସୀ ନିୟମିତ ଭାବେ ଉପାସନା ସେବାରେ ଯୋଗ ଦେବେ । ପରମ ସିଂହ, ଲଭପ୍ରୀତ ସିଂହ, କରମ ସିଂହ, ମନପ୍ରୀତ୍ ସିଂହ, ଲଡି ସିଂହ, ହରନ, କଲା, ଚିନ୍ତୋ, ଚରନଜିତ୍ ସିଂହ, ଗଗନଦୀପ୍, ମଜର ଏବଂ ମିଣ୍ଟୁ ଏହି ପରିବାର ଗୁଡିକର ଯୋଉମାନେ ମଦ ଏବଂ ଗୁଟଖା ବନ୍ଧନରେ ରହିଛନ୍ତି ମୁକ୍ତି ନିମନ୍ତେ ପ୍ରାର୍ଥନା କରନ୍ତୁ । ଜଗଜିତ୍ ସିଂହ, ପରମ, ମନ୍ନୁ, ଲଡି, ରାହୁଲ, ସୋନୁ ସିଂହ, କେଶା, ଶାମି, ମିଟା, ସୁନିଥ, ଗୁରଥେଜ ଏବଂ ଲକି ଏହି ବିଶ୍ୱାସୀ ପରିବାରଗୁଡିକ ଅନୁତାପ ନିମନ୍ତେ ଯୋଉମାନେ ନିୟମିତ ଭାବେ ଉପାସନା ସେବାରେ ଯୋଗ ଦେଉ ନାହାନ୍ତି । ଅଜିତଓ୍ୱାଲ ମଣ୍ଡଳୀର ଯତ୍ନ ନେବେ ଆମ୍ଭ ଯୁବ ନେତା ପିୟାନ୍ସୁ ସିଂହ ତାଙ୍କ ନିମନ୍ତେ ପ୍ରାର୍ଥନା କରନ୍ତୁ । ଧରମକୋଟ ମଣ୍ଡଳୀ ଯେପରି ସ୍ୱଦେଶୀ ହେବେ । ବାପି କୌର, ସୁକ୍କା, ବିନ୍ଦେର କୌର, ଗଗୁ କୌର, ରେକା କୌର, ଆରଥି, ମଥୁ, ସୁନି, ଯଶଭିର ସିଂହ ଏବଂ ଯଶପ୍ରୀତ୍ କୌର ସୁସମାଚାରରେ ଆଗ୍ରହ ଦେଖାଇଛନ୍ତି ପରିତ୍ରାଣ ନିମନ୍ତେ । ବିରୋଧୀମାନଙ୍କ-ଠାରୁ ମିଶନାରୀ ଏବଂ ଇଭାନଜଲିଷ୍ଟ ଏବଂ ବିଶ୍ୱାସୀମାନଙ୍କର ସୁରକ୍ଷା ନିମନ୍ତେ ପ୍ରାର୍ଥନା କରନ୍ତୁ ।

**4 MARCH**
Friday

***Happy Birthday***

Mr. John Berlin S., Mr. Thimmesh M.P.
Mr. Kishanta Limma, Mr. Dinesh Maraiya
Miss. Pansuri Mohlin

## ବଟାଲା:

## ଭାଲଭି ନେତାଜି ଦଦୁ ଏବଂ ମେସରମ କଲପନା ନାରାୟଣ

ପ୍ରଶଂସା: ସାତଜଣ ବ୍ୟକ୍ତି ବିଶ୍ୱାସରେ ଯୀଶୁଖ୍ରୀଷ୍ଟଙ୍କ ନିକଟକୁ ଆସିଥିଲେ ଏବଂ ୫ଟି ଗ୍ରାମରେ ନୂଆରେ ସୁସମାଚାର ପହଞ୍ଚିଥିଲା । ଆମ୍ଭ ବିଶ୍ୱାସୀ ଜ୍ୟୋତିକୁ ଈଶ୍ୱର ବିବାହର ୫ବର୍ଷ ପରେ ଏକ ସନ୍ତାନର ଆଶୀର୍ବାଦ ଦେଇଛନ୍ତି । ପ୍ରାର୍ଥନାର ଉତ୍ତର ସ୍ୱରୂପ କୋଟାଲା ବଜ ଗ୍ରାମରେ ସୁସମାଚାର ନିମନ୍ତେ ଦ୍ୱାର ଖୋଲିଛି । ଈଶ୍ୱର ଭିକିକୁ ଜଣ୍ଡିସରୁ ସୁସ୍ଥ କଲେ ।

ପ୍ରାର୍ଥନା:ଅଶୋକ ଶର୍ମା, ମଞ୍ଜୁ ଶର୍ମା, ପୂଜା ଶର୍ମା, ତିଲକ ଶର୍ମା, ସୋନିଆ ଶର୍ମା ଏବଂ ପୁନମ ଶର୍ମା ଏମାନଙ୍କର ଆତ୍ମିକ ବୃଦ୍ଧି ନିମନ୍ତେ ଯୋଉମାନେ ସେମାନଙ୍କର ବିଶ୍ୱାସକୁ ପ୍ରଭୁଙ୍କଠାରେ ସ୍ୱୀକାର କରିବେ । ମଦର ଅଭ୍ୟାସରୁ ଲକୱିନ୍ଦର କୌର ଯେପରି ମୁକ୍ତ ହେବ । ଗୁରଭିନ୍ଦର ସ୍ୱୀ ମୃତ୍ୟୁ ବରଣ କରିଛି ତାର ସାନ୍ତ୍ୱନା ନିମନ୍ତେ ପ୍ରାର୍ଥନା କରନ୍ତୁ । ଏହି କ୍ଷେତ୍ରରେ ଆମ୍ଭ ସେବାକାର୍ଯ୍ୟର ବୃଦ୍ଧି ନିମନ୍ତେ ଏକ ଇଭାନଜଲିଷ୍ଟ ନିଯୁକ୍ତ ହେବା ନିମନ୍ତେ । ବିଶ୍ୱାସୀମାନେ ବିଭିନ୍ନ ପ୍ରକାର ନିଶା ସେବନରୁ ଯେପରି ମୁକ୍ତି ପାଇବେ ।

## ଜୈତୁ:

## ଚିତ୍ତରଞ୍ଜନ ତାଣ୍ଡି ଏବଂ ତେଜସ୍ୱିତା ବେବର୍ତ୍ତା

ପ୍ରଶଂସା:ପାଞ୍ଚଜଣ ବ୍ୟକ୍ତି ବିଶ୍ୱାସରେ ଯୀଶୁଖ୍ରୀଷ୍ଟଙ୍କ ନିକଟକୁ ଆସିଥିଲେ । ମୁକ୍ତସର ରୋଡରେ ଈଶ୍ୱର ଆମ୍ଭକୁ ଏକ ସାନ ପ୍ରାର୍ଥନା ଦଳ ଆରମ୍ଭ କରିବାକୁ ସକ୍ଷମ କରିଥିଲେ । ଦଶଜଣ ବ୍ୟକ୍ତି ପ୍ରଭୁଙ୍କଠାରେ ସେମାନଙ୍କର ବିଶ୍ୱାସକୁ ସ୍ୱୀକାର କରିବାକୁ ପ୍ରସ୍ତୁତ ହେଉଛନ୍ତି । ପ୍ରାର୍ଥନାର ଉତ୍ତର ସ୍ୱରୂପେ ଆମ୍ଭ ବିଶ୍ୱାସୀ ସୋନିଆ ତାର ସମସ୍ତ ଋଣ ଶୁଝି ପାରିଛି । ଜିତ୍‌ଗେଲ ଗ୍ରାମରୁ ସୁଖଜିତ୍ ସିଂହ ମାନସିକ ରୋଗରୁ, ଅମନଦୀପ୍ କୌର ଏବଂ ମନ୍ଦେର କୌର ଲିଭର ସଂକ୍ରମଣରୁ ଈଶ୍ୱର ସୁସ୍ଥ କରିଥିଲେ । ଦବଦିଖାନା ଗ୍ରାମର ବଲଦେବ ସିଂହ, ବିନ୍ଦେର ସିଂହ, ଚିନ୍ଦେର କୌର ଏବଂ ସନ୍ତୋଷ କୌର ପ୍ରାର୍ଥନାର ଉତ୍ତର ସ୍ୱରୂପ ମନ୍ଦଆତ୍ମା ବନ୍ଧନରୁ ମୁକ୍ତ ହୋଇଛନ୍ତି ।

ପ୍ରାର୍ଥନା: ମଦକ, ଚୈନା, ୱାଦା କ୍ରୀଷ୍ଟପୁର ଏବଂ କୋଠେ - ୱାଡିଙ୍ଗା ଗ୍ରାମରେ ଯେଉଁଠାରେ ଲୋକମାନେ ପ୍ରଥମ ଥର ନିମନ୍ତେ ସୁସମାଚାର ଶୁଣିଥିଲେ । ବବଲି କୌର ପରିବାରରେ ଶାନ୍ତି ପ୍ରତିଷ୍ଠା ହେବ । ଗୋନିଆନା, ଆମ୍ଦକର ନଗର, ହରିନୋ ଏବଂ ଦେଲିୟାୱାଲି ଗ୍ରାମରେ ପଛକୁ ଫେରି ଯାଇଥିବା ବିଶ୍ୱାସୀମାନେ ବିଶ୍ୱାସକୁ ଆସିବେ । ସୋନିଆ ରାନି ବ୍ଲଡ ଟ୍ୟୁମର, ସତନାମ ସିଂହ ମୃତ୍ୟୁ ଶଯ୍ୟାରୁ, ଗୁରଭିନ୍ଦର ସିଂହ ଏବଂ କମଲଜିତ୍ କୌର ମୂର୍ଚ୍ଛା ରୋଗରୁ ସୁସ୍ଥ ହେବେ । ଯଶପାଲ ସିଂହ, ବନ୍ଦେର ସିଂହ ପରମଜିତ୍, ମୁକେଶ, କାଲା ସିଂହ, ସୁଖଦେବ ସିଂହ, ଶେମି ସିଂହ ଏବଂ ଯଶକରନ ସିଂହ ମଦରୁ ମୁକ୍ତି ପାଇବେ ।

**5 MARCH**
Saturday

*Happy Birthday*

Mrs. Thangammal Jebaraj
Mr. David Ponding, Mr. Sunil Matthew K.
Mr. Ravi Kumar S., Mrs. Stella David Perumal
Mr. Sambhunath Nayak, Mr. Lubin Murmu

# ହରିୟାନା

## ଜୀବନ ନଗର:

### ଅଲିୟାକିମ ଜେନା ଏବଂ ଦୀପିକା

**ପ୍ରଶଂସା:** ଚାରୋଟି ଗ୍ରାମରେ ନୂଆରେ ସୁସମାଚାର ପହଞ୍ଚିଥିଲା । ୩୯ଟି ଗ୍ରାମରେ ଫଲୋଅପ ସେବାକାର୍ଯ୍ୟରେ ଈଶ୍ୱର ଆଶୀର୍ବାଦ କରିଥିଲେ । ରେୱାରି ଏବଂ ଚରକି - ଦଦରି ଅଞ୍ଚଳରେ ବାଲ୍ମିକି ଲୋକମାନେ ସୁସମାଚାରରେ ଆଗ୍ରହ ଦେଖାଇଛନ୍ତି । ଆମ୍ଭ ବିଶ୍ୱାସୀ ପରିବାରଗୁଡିକ ନାମ: କାଲା, ଏଲାନାବାଦର ଅଙ୍ଗରେଜୀ, ଅବୁବ - ଶୋଦର ଗୋଲୁ ଏବଂ ଶୋରଗଡ ଗ୍ରାମର ଅଲକନ ସନ୍ତାନର ଆଶୀର୍ବାଦ ପାଇଛନ୍ତି ।

**ପ୍ରାର୍ଥନା:** ବିଶ୍ୱାସୀମାନଙ୍କର ଆତ୍ମିକ ବୃଦ୍ଧି ନିମନ୍ତେ । ସମସ୍ତ କେନ୍ଦ୍ରରେ ବାଇବଲ ଷ୍ଟଡି ଏବଂ ସାନ ଉପାସନା ଦଳଗୁଡିକ ଯେପରି ବଳିଷ୍ଠ ହେବେ । ରେୱାରି ଏବଂ ସୁଚନ ଅଞ୍ଚଳରେ ସୁସମାଚାରରେ ଆଗ୍ରହୀ ପରିବାରଗୁଡିକର ପରିତ୍ରାଣ ନିମନ୍ତେ । ଦବୱଲି ଉପ - କେନ୍ଦ୍ରରେ ଉପାସନା ଆରମ୍ଭ ହେବ । ଯେଉଁ ସମସ୍ତ ଗ୍ରାମଗୁଡିକରେ ସୁସମାଚାର ପ୍ରଚାର କରାଯାଇଛି ସାନ ସାନ ପ୍ରାର୍ଥନା ଦଳ ଯେପରି ଗଠନ ହେବ । ପ୍ରେମ ନଗର. ଭାନଗୁ ଏବଂ ସୁଚନ - କୋଟଲି ଗ୍ରାମରେ ସାନଦଳ ମିଟିଙ୍ଗ ଆରମ୍ଭ ହୋଇଥିଲା । ଆମ୍ଭ ଯୁବା ବିଶ୍ୱାସୀମାନେ ଉପଯୁକ୍ତ ଜୀବନ ସାଥୀ ପାଇବେ ।

# ଦିଲ୍ଲୀ

## ପତପରଗଞ୍ଜ:

### ପି.ଜି.ଖ୍ରୀଷ୍ଟଫର ଏବଂ ମାବେଲ

**ପ୍ରଶଂସା:** ବିଶ୍ୱାସୀମାନଙ୍କର ଆତ୍ମିକ ଲାଳନପାଳନ ନିମନ୍ତେ ୧୧ଟି ଗୃହମଣ୍ଡଳୀ ଆରମ୍ଭ କରିବାକୁ ଈଶ୍ୱର ଆମ୍ଭକୁ ସାହାଯ୍ୟ କରିଥିଲେ । ଈଶ୍ୱର ଆନନ୍ଦ, ତିରୁପତି ଏବଂ ଯୋନାଥନଙ୍କୁ କୋରୋନା ଇନଫେକସନରୁ ସୁସ୍ଥ କରିଥିଲେ । ଆମ୍ଭ ବିଶ୍ୱାସୀ ଗୁଡ୍ଡି ଏକ ସନ୍ତାନର ଆଶୀର୍ବାଦ ପାଇଛନ୍ତି । କଲ୍ୟାଣପୁରୀ ମଣ୍ଡଳୀରେ ଗ୍ରାମ ମଣ୍ଡଳୀ କମିଟି ଗଠନ ହେଲା ।

**ପ୍ରାର୍ଥନା:** ଆମ୍ଭ ମିଶନ କ୍ଷେତ୍ରରେ ୧୩ରୁ ଅଧିକ ଗୃହ ମଣ୍ଡଳୀ ଆରମ୍ଭ ହେବ । ମଣ୍ଡଳୀ ପ୍ରାଚୀନ ଏବଂ ଭଲେଣ୍ଟିୟରମାନେ ବିଶ୍ୱାସୀମାନଙ୍କୁ ଆତ୍ମା ଲାଭର ବୋଝ ଦେବାକୁ ଯେପରି ପାରିବେ । ମେରୁଦଣ୍ଡରେ ହୋଇଥିବା ଟିବିରୁ ରବି, ପେଟରେ ଟିବିରୁ ଏଲିଜାବେଥ, ଶ୍ରୀପଲ ବାମ ହାତରେ ହୋଇଥିବା ଘାଆରୁ ଏବଂ ଆରୟା ହାଇପର - ଟେନ୍‌ସନରୁ ଯେପରି ସୁସ୍ଥ ହେବେ ।

6 MARCH
Sunday

*Happy Birthday*
Mr. James Arulraj M.

# ରାଜସ୍ଥାନ

## ଖେରୱାରା:

### ଭୟା ଦେବୁଭାଇ ଗଙ୍ଗଜୁଭାଇ ଏବଂ ଗାଭିତ୍ ଜମୁବେନ୍

ପ୍ରଶଂସା: ତିରିଶଜଣ ବ୍ୟକ୍ତି ବିଶ୍ୱାସରେ ଯୀଶୁଖ୍ରୀଷ୍ଟଙ୍କ ନିକଟକୁ ଆସିଥିଲେ । ଆମ୍ଭ ବିଶ୍ୱାସୀ ମାୟାବେନଙ୍କର ସୁରକ୍ଷିତ ପ୍ରସବ ହୋଇଛି । ଈଶ୍ୱର ଜୁମାଲି କେଭଦିକୁ ଭୟଙ୍କର ପେଟ ଯନ୍ତ୍ରଣାରୁ ଏବଂ ଥାପୁ ହକରୀ ଗୋଡ ଫୁଲାରୁ ସୁସ୍ଥ କରିଥିଲେ । ରଙ୍ଗେଲା ଗ୍ରାମର ଆମ୍ଭ ବିଶ୍ୱାସୀ ଗୋବିନ୍ଦ ବି.ଇଡି ପାଠ୍ୟକ୍ରମରେ ଭର୍ତ୍ତି ହୋଇ ପାରିଛନ୍ତି ।

ପ୍ରାର୍ଥନା:ପଛକୁ ଫେରି ଯାଇଥିବା ବିଶ୍ୱାସୀମାନେ ଲକ୍ଷ୍ମଣ, ରାଜୁ, ରମେଶ, କାଦୁଭା, ଦବିତା ଗ୍ରାମର ସବିତା ଏବଂ ବଲଦିଆ ଗ୍ରାମର ନଭିନ ବିଶ୍ୱାସକୁ ଫେରିବେ । ସବିତା ଏବଂ ଅନୁସି ସେମାନଙ୍କର ଗୋଡରେ ହୋଇଥିବା ଟ୍ୟୁମରରୁ ଯେପରି ସୁସ୍ଥ ହେବେ, ସୁରଟ ଗ୍ରାମର ପ୍ରଭୁ ଭାଇ ଗୋଡରେ ଆଘାତରୁ ଯେପରି ସୁସ୍ଥ ହେବେ, ବାରୁଥି ଗ୍ରାମର ଗୁଣ୍ଡମାଲ ଛାତିରେ ସମସ୍ୟାରୁ, ବରକପାନି ଗ୍ରାମର ବାଦି ମାନସିକ ରୋଗରୁ, ଲକ୍ଷ୍ମଣପୁରାର ଧୁଲା ଟିବିରୁ ଏବଂ ଗୋରଦା ଗ୍ରାମର ଗୋବିନ୍ଦ ମୂକ ଏବଂ ବଧିରତାରୁ ଏସମସ୍ତେ ଯେପରି ସୁସ୍ଥ ହେବେ ।

## ରାଜସ୍ଥାନ ଅଞ୍ଚଳ:

### ଅମିରକାନ୍ତ ଡିଗଲ ଏବଂ ନିରୋଲା

ପ୍ରଶଂସା:ଦୁଇଜଣ ବ୍ୟକ୍ତି ବିଶ୍ୱାସରେ ଯୀଶୁଖ୍ରୀଷ୍ଟଙ୍କ ନିକଟକୁ ଆସିଥିଲେ ଏବଂ ୮ଟି ଗ୍ରାମରେ ନୂଆରେ ସୁସମାଚାର ପ୍ରଚାର କରାଯାଇଥିଲା । ଆମ୍ଭ ମିଶନାରୀ ରାଜୁ ନାଏକଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟୁଛି । ରାଇ ଶିଖ ଲୋକମାନେ ସୁସମାଚାର ନିମନ୍ତେ ଦ୍ୱାର ଖୋଲିଛନ୍ତି । ଅଲୱାର ହୋମର ୫୨ଜଣ ହଷ୍ଟେଲ ପିଲା ଭଲ ପଢୁଛନ୍ତି । ଅନୂପଗଡର ପଛକୁ ଫେରି ଯାଇଥିବା ବିଶ୍ୱାସୀ ଲାଲୁ ବିଶ୍ୱାସରେ ସ୍ଥିର ରହିଛି । ପାଓଟା କ୍ଷେତ୍ରର ରାଜବଲ କୁ ମନ୍ଦଆତ୍ମା ବନ୍ଧନରୁ ଈଶ୍ୱର ମୁକ୍ତ କରିଛନ୍ତି । ପାଓଟା କ୍ଷେତ୍ରର ଆମ୍ଭ ମିଶନାରୀ ସତ୍ୟପ୍ରକାଶ କୋଭିଡ'୧୯ରୁ ପ୍ରାର୍ଥନାର ଉତ୍ତର ସ୍ୱରୂପେ ସୁସ୍ଥ ହେଲେ ।

ପ୍ରାର୍ଥନା: ସଙ୍ଗରିଆ, ତାପୁକରା ଏବଂ ଅନୂପଗଡ କ୍ଷେତ୍ରରେ ଗୀର୍ଜା ନିର୍ମାଣ ନିମନ୍ତେ ଜମି ଆବଶ୍ୟକ । ଅଲୱାର ହୋମର ଆମ୍ଭ ବରିଷ୍ଠ ଛାତ୍ରମାନେ ନାମ: କପିଲ, ରାଜା, ଅଜିତ୍, ଅମର ଏବଂ ଭିଜୟ ଉପଯୁକ୍ତ କର୍ମପନ୍ଥା ବାଛି ପାରିବେ । ମଣ୍ଡଳୀ ପ୍ରାଚୀନମାନେ ନିଜ ମଣ୍ଡଳୀର ଦାୟିତ୍ୱକୁ ଯେପରି ବହନ କରିପାରିବେ । ସମସ୍ତ ମଣ୍ଡଳୀଗୁଡିକରେ କମିଟି ଯେପରି ଗଠନ ହୋଇ ପାରିବ ।

### ଉଦୟପୁର: ଆଶିଷ କୁମାର ଏବଂ ସବିତା ଦେବୀ

ପ୍ରଶଂସା:ଆଠଟି ଗ୍ରାମରେ ନୂଆରେ ସୁସମାଚାର ପହଞ୍ଚିଥିଲା । ଆମ୍ଭ ସ୍ଥାନୀୟ ଇଭାନଜଲିଷ୍ଟ ମୋହନଭାଇଙ୍କ ବିବାହ ଖ୍ରୀଷ୍ଟିୟ ନୀତିରେ ଆୟୋଜନ କରିବାକୁ ଈଶ୍ୱର ଆମ୍ଭକୁ ସାହାଯ୍ୟ କରିଥିଲେ । ସଙ୍ଗୀତା ପ୍ରାର୍ଥନାର ଉତ୍ତର ସ୍ୱରୂପ ମନ୍ଦଆତ୍ମା ବନ୍ଧନରୁ ମୁକ୍ତ ହେଲେ । ଆମ୍ଭ ଇଭାନଜଲିଷ୍ଟ ଗୋବିନ୍ଦଭାଇକୁ ଈଶ୍ୱର କୋଭିଡ'୧୯ରୁ ସୁସ୍ଥ କଲେ ।

**7 MARCH**
Monday

## *Happy Birthday*

Mr. Gilbert Williams S.
Mr. Solomon Gnanasekhar J.
Mr. Tong Kho Lun Kipgen
Mr. John Arulraj
Mr. Tongmin Thang Kipgen
Mrs. Lianbiaknemi Singh

ପ୍ରାର୍ଥନା:ଅମୋଦ, ବଦଲିଆ ଏବଂ ଓଗନା ଗ୍ରାମରେ ମଣ୍ଡଳୀ ଆରମ୍ଭ ନିମନ୍ତେ ଦ୍ୱାର ଖୋଲା ହେବ । କରେଲ ଅଞ୍ଚଳରେ ପଛକୁ ଫେରି ଯାଇଥିବା ବିଶ୍ୱାସୀମାନେ ବିଶ୍ୱାସରେ ସ୍ଥିର ରହିବେ । ମକଦଦେ ଗ୍ରାମରେ ଗୀର୍ଜାଗୃହ ନିର୍ମାଣ ଶୀଘ୍ର ଆରମ୍ଭ ହେବ । ନାରାୟଣଭାଇ କୁଷ୍ଠରୋଗରୁ ସୁସ୍ଥ ହେବ ।

### ସଙ୍ଗରିଆ:

### ପାଉଲୁସ ବରଜୋ ଏବଂ ବିନିତା ଟପୋ

ପ୍ରଶଂସା:ଦୁଇଟି ଗ୍ରାମରେ ନୂଆରେ ସୁସମାଚାର ପହଞ୍ଚିଥିଲା । ଅଲିପୁର ର ଶ୍ୟାମଲାଲ ଏବଂ କିରନ - ଏକ ନୂତନ ପରିବାର ସହ ଆମ୍ଭ ସମ୍ପର୍କ ସ୍ଥାପନ ହୋଇଛି । ହାଥିଆୱାଲର ବଲତେଜ ସିଂହକୁ ପେଟରେ ହୋଇଥିବା ଷ୍ଟୋନରୁ ଈଶ୍ୱର ସୁସ୍ଥ କରିଛନ୍ତି । ଅଲିପୁର ସୁମନ ମନ୍ଦଆତ୍ମା ବନ୍ଧନରୁ ମୁକ୍ତ ହେଲେ । ଓମ ପ୍ରକାଶ ଏବଂ ଜଗଦିଶ ପ୍ରାର୍ଥନାର ଉତ୍ତର ସ୍ୱରୂପ ମଦ ତ୍ୟାଗ କରିଛନ୍ତି ।

ପ୍ରାର୍ଥନା: ନାଗରନାର ଯୁବା ବିଶ୍ୱାସୀ ଜ୍ୟୋତି, ରାଜୁ, ରାକେଶ, କାଲୁ ଏବଂ ଦଦେୱାଲାର ମଞ୍ଜୁ ଏହି ଯୁବା ବିଶ୍ୱାସୀମାନେ ଉପଯୁକ୍ତ ଜୀବନ ସାଥୀ ପାଇବେ । ଲୁଗଦ ସିଂହ ଏବଂ ସନ୍ଦିପ ମଦ୍ୟପାନ ପରିତ୍ୟାଗ କରିବ । ନାଗରନାର ପ୍ରକାଶକୌରଗଲବ୍ଲାଡରଷ୍ଟୋନରୁ,ସଦୁଲସହରରୁ ଜଗଦୀଶ କୁମାର ଲିଭର ଇନଫେକସନରୁ ଏବଂ ନାଗରନାର କୁଲଭିନ୍ଦର କୌର ପିଠି ଯନ୍ତ୍ରଣାରୁ ଯେପରି ସୁସ୍ଥତା ଲାଭ କରିବେ ।

## ଉତ୍ତର ପ୍ରଦେଶ

### ଗୋଣ୍ଡା:

### ଓମପ୍ରକାଶ ଗୁପ୍ତା ଏବଂ ଟୁମ୍ପା ଚୌଧୁରୀ

ପ୍ରଶଂସା:ଆମ୍ଭ ହଷ୍ଟେଲର ପିଲାମାନେ ସେମାନଙ୍କର ନୂଆ ବର୍ଷର ଉପହାର ରୂପେ କମ୍ବଳ ରେଭ.ଡାନଙ୍କଠାରୁ ପାଇଛନ୍ତି, ଯିଏକି ଆମ୍ଭ ହଷ୍ଟେଲର ଜଣେ ସୁ- ଚିନ୍ତକ । ତିନୋଟି କ୍ଷେତ୍ର ବସ୍ତି, ଗୋଣ୍ଡା ଏବଂ ବିକେଟିଠାରେ ହୋଇଥିବା ମଣ୍ଡଳୀ ପ୍ରାଚୀନମାନଙ୍କ ତାଲିମରେ ଈଶ୍ୱର ଆଶୀର୍ବାଦ କରିଥିଲେ । ୩ଟି ଗ୍ରାମରେ ହୋଇଥିବା ଆଉଟରିଚ୍ କାର୍ଯ୍ୟକ୍ରମରେ ବହୁ ଜଣ ଆଶୀର୍ବାଦ ପାଇଛନ୍ତି । ହଷ୍ଟେଲ ପିଲାମାନଙ୍କର ସବୁକ୍ଷେତ୍ରରେ ବିକାଶ ନିମନ୍ତେ ବିଶେଷ ଶିକ୍ଷାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୋରୟା ସମାଜର ନୂଆ ସମ୍ପର୍କରେ ଆସିଥିବା ବିଦ୍ୟାରାମ ଈଶ୍ୱରଙ୍କ ବାକ୍ୟ ଶୁଣି ଦିନକୁ ଦିନ ଆତ୍ମିକ ଦିଗରେ ବୃଦ୍ଧି ପାଉଛନ୍ତି ।

ପ୍ରାର୍ଥନା: ହଷ୍ଟେଲ ପିଲାମାନେ ବୋର୍ଡ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି । ସମ୍ମୁତରା, ତିଲଖାଇ, ଭାଲୁ, କୁକରଭକୁଆ ଏବଂ ଭସିସରଗରୀ ବହୁଥର ସୁସମାଚାର ପ୍ରଚାର କରାଯାଇଛି ଫଳ ଯେପରି ଫଳିବ; ଆଜି ଯାଏ ମାତ୍ର କେବଳ ଗୋଟିଏ ପରିବାର ଖ୍ରୀଷ୍ଟଙ୍କ ନିକଟକୁ ଆସିଛନ୍ତି । ବିଶ୍ୱାସୀ ଏବଂ ଗୀର୍ଜାଗୃହଗୁଡିକର ସୁରକ୍ଷା ନିମନ୍ତେ ପ୍ରାର୍ଥନା କରନ୍ତୁ ।

**8 MARCH**
Tuesday

*Happy Birthday*

Mr. Hamuel Limma
Miss. Rani Uranw

## ଝିନଝକ:

## ସମରେନ୍ଦ୍ର ସିଂହ ଏବଂ ସୁସମିତା ବିଶୋଇ

ପ୍ରଶଂସା: ନଅଜଣ ବ୍ୟକ୍ତି ଖ୍ରୀଷ୍ଟଙ୍କ ରକ୍ଷାକାରୀ ଜ୍ଞାନ ବିଷୟରେ ଜାଣିବାକୁ ପାରିଥିଲେ ଏବଂ ୧୨ଟି ଗ୍ରାମରେ ନୂଆରେ ସୁସମାଚାର ପହଞ୍ଚିଥିଲା । ବାହାଦୂରପୁର ଦୁଇଟି ପରିବାର ଯୀଶୁଙ୍କୁ ସେମାନଙ୍କର ଉଦ୍ଧାରକର୍ତ୍ତାଭାବେ ଗ୍ରହଣ କରିଛନ୍ତି । ବିଚୁଆଲି ଗ୍ରାମରେ ସତସଙ୍ଗ କାର୍ଯ୍ୟକ୍ରମରେ ଏବଂ ଭୋଲାନଗର ମଣ୍ଡଳୀରେ ଇଭାନଜଲିଷ୍ଟ ତାଲିମ କାର୍ଯ୍ୟକ୍ରମରେ ଈଶ୍ୱର ଆଶୀର୍ବାଦ କରିଥିଲେ । ଏକ ଘାତକ ଦୁର୍ଘଟଣାରୁ ଦୋବୋଲି ଗ୍ରାମର ଆତ୍ମ ବିଶ୍ୱାସୀ ଅଗଷ୍ଟିନ, ରସିଲାବାଦର ରାଜା ଏବଂ ମୁନ୍ଦେରାର ବିନୋଦ କୁମାରକୁ ଈଶ୍ୱର ସୁରକ୍ଷା ଦେଇଥିଲେ । ସୁରଶଶି, ଏବଂ ଅକୁଦିଆ ଗ୍ରାମର ବହୁ ଅନ୍ୱେଷୀ ଆତ୍ମ ଉପ ।ସନା ସେବାରେ ନୂଆରେ ଯୋଗ ଦେଇଛନ୍ତି । ଆତ୍ମ ମଣ୍ଡଳୀ ପ୍ରାଚୀନ ଅଖିଳେଶ ଏବଂ ରାମଚନ୍ଦ୍ର ସାହସୀ ହୋଇ ଈଶ୍ୱରଙ୍କ ବାକ୍ୟ ମଣ୍ଡଳୀ ପ୍ରାଚୀନ ଏବଂ ପଡୋଶୀମାନଙ୍କ ମଧ୍ୟରେ ପ୍ରଚାର କରୁଛନ୍ତି ।

ପ୍ରାର୍ଥନା: ମାୟାପୁର ଅଞ୍ଚଳରେ ସତସଙ୍ଗ କାର୍ଯ୍ୟକ୍ରମରେ ଯୋଉମାନେ ଯୋଗ ଦେଇଛନ୍ତି ସେମାନଙ୍କର ପରିତ୍ରାଣ ନିମନ୍ତେ ପ୍ରାର୍ଥନା । ରୁରାର ଅଜୟ ପାଲ, ଖୁସବୁ, ସୀମା, ନିଶା, ରୀନା ଏବଂ ଅବଦେଶ ଅନୁତାପ ନିମନ୍ତେ । ସୁଶୀଳା ସ୍ୱାମୀର ଅନୁତାପ ନିମନ୍ତେ ଯିଏକି ତାର ସ୍ତ୍ରୀକୁ ଗୀର୍ଜା ଯାଇ ଉପାସନାରେ ଯୋଗ ଦେବାକୁ ବନ୍ଦ କରି ଦେଇଛି । ଜାନକୀ ବ୍ରେନ ଟ୍ୟୁମରରୁ, ବିପିନ ଟାଏଫୋଏଡରୁ, ପୁଷପେନ୍ଦ୍ର ପେଟ ସମସ୍ୟାରୁ, ନରେଶ କ୍ୟାନସରରୁ ଯେପରି ସୁସ୍ଥତା ଲାଭ କରିବେ ।

କାନପୁର ଅଞ୍ଚଳ: ଶ୍ରୀନିବାସନ ଏବଂ ଶିବା ଜି. ଚନ୍ଦ୍ର

ପ୍ରଶଂସା:ଆଠଜଣ ବ୍ୟକ୍ତି ଖ୍ରୀଷ୍ଟଙ୍କ ନିକଟକୁ ଆସିଥିଲେ ଏବଂ ୪୪ଟି ଗ୍ରାମରେ ନୂଆରେ ସୁସମାଚାର ପହଞ୍ଚିଥିଲା । ବସ୍ତି, ରାନିଆ ଏବଂ ବିଣ୍ଢକି ଅଞ୍ଚଳରେ ମଣ୍ଡଳୀ ପ୍ରାଚୀନମାନଙ୍କ ମିଟିଙ୍ଗରେ ଈଶ୍ୱର ଆଶୀର୍ବାଦ କରିଥିଲେ । ଶ୍ୟାମ ସୁନ୍ଦର ବେଲ୍ ପାଇ ଜେଲରୁ ମୁକୁଳିଥିଲା ଈଶ୍ୱର ଆତ୍ମମାନଙ୍କୁ ମଣ୍ଡଳୀରେ ଉପାସନା ଆରମ୍ଭ କରିବାକୁ ସକ୍ଷମ କରିଥିଲେ । ସମସ୍ତ କ୍ଷେତ୍ରଗୁଡିକୁ ଏହି ବର୍ଷ ସଣ୍ଡେସ୍କୁଲର ଉପକରଣଗୁଡିକୁ ଠିକ୍ ସମୟରେ ବାଣ୍ଟିବା ପାଇଁ ଈଶ୍ୱର ଆମ୍ଭକୁ ସାହାଯ୍ୟ କରିଥିଲେ । ସାମୁହିକ ସ୍ତରରେ ମଣ୍ଡଳୀ ପ୍ରାଚୀନମାନଙ୍କ ତାଲିମ କାର୍ଯ୍ୟକ୍ରମ ପ୍ରଭାବରେ, ବହୁ ମଣ୍ଡଳୀ ପ୍ରାଚୀନମାନେ ସେମାନଙ୍କର ଦାୟିତ୍ୱକୁ ନିଜ ମଣ୍ଡଳୀରେ ତୁଲାଇବା ନିମନ୍ତେ ନିଜକୁ ସମର୍ପଣ କରିଥିଲେ । ଖେରଗା କା ପୁରଓ୍ୱାର ଆତ୍ମ ଇଭାନଜଲିଷ୍ଟଙ୍କ ପୁଅ ୟଗେସକୁ ଈଶ୍ୱର ପକ୍ଷାଘାତରୁ ସୁସ୍ଥ କଲେ ।

ପ୍ରାର୍ଥନା: ବିଲହୌର ଏବଂ ତୁନ୍ଦଲା ଅଞ୍ଚଳରେ ମଣ୍ଡଳୀ ପ୍ରାଚୀନମାନଙ୍କ ମିଟିଙ୍ଗରେ ଆଶୀର୍ବାଦ ନିମନ୍ତେ । ପଛକୁ ଫେରି ଯାଇଥିବା ବିଶ୍ୱାସୀମାନେ ବିଶ୍ୱାସରେ ଯେପରି ସ୍ଥିର ରହିବେ । ଭଗୟାନଗର, ବି.କେ.ଟି, ହସରେନ, ସିକନ୍ଦ୍ର ଏବଂ ତୁନ୍ଦଲା କ୍ଷେତ୍ରରେ କେବଳ ଅଳ୍ପ ବିଶ୍ୱାସୀ ଅଛନ୍ତି ଯେପରି ସେ ସ୍ଥାନରେ ଜାଗରଣ ସୃଷ୍ଟି ହେବ ।

**9 MARCH**
Wednesday
*Fasting Prayer*

*Happy Birthday*

Mrs. Vasanthi Stella Emmanuel
Mrs. Ponnuthai Gnanasundari Arthur
Mr. David P., Mrs. Pravati Mani Vinod Kumar

## ସିକନ୍ଦ୍ର ଏବଂ ଭଗୟା:

### ପୋନ୍ନୁସାମୀ ଏବଂ ଚିତ୍ରା

ପ୍ରଶଂସା: ଇଙ୍ଗୱାରା ଗ୍ରାମର ଦୁଇଜଣ ବ୍ୟକ୍ତି ଯୀଶୁଖ୍ରୀଷ୍ଟଙ୍କ ନିକଟକୁ ବିଶ୍ୱାସରେ ଆସିଛନ୍ତି ଏବଂ ୪ଟି ଗ୍ରାମରେ ନୂଅ ।ରେ ସୁସମାଚାର ପହଞ୍ଚିଥିଲା । ଈଶ୍ୱର ସାମୁହିକ ସ୍ତରରେ ହୋଇଥିବା ତାଲିମ କାର୍ଯ୍ୟକ୍ରମରେ ଆଶୀର୍ବାଦ କରିଥିଲେ । ଈଶ୍ୱର ନନ୍ଦଲାଲକୁ କୋଭିଡ'୧୯ରୁ ଏବଂ ମନୋଜକୁ ଚର୍ମ ସମସ୍ୟାରୁ ସୁସ୍ଥ କଲେ ।

ପ୍ରାର୍ଥନା:ଦିବିୟାପୁର, ମୁଙ୍ଗିସପୁର ର ଗୁରୁଗୋପାଲ, ସନ୍ଦଲପୁର ଭେଦ ପ୍ରକାଶ, ଫାପୁନ୍ଦର ଚନ୍ଦ୍ରା ଏବଂ ଆଉରିଆର ସିର୍ଦ୍ଧାଥ ଏମାନେ ଆତ୍ମ ଇଭାନଜଲିଷ୍ଟଙ୍କ ପରିବାର ଏମାନଙ୍କ ନିମନ୍ତେ ପ୍ରାର୍ଥନା କରନ୍ତୁ । ଅନ୍ୱେଷୀମାନଙ୍କର ନାମ: ଅନନ୍ତପୁର ସୋନୁ, ଜୈତପୁର ମୀନା, ହରନିପୁର ଅନ୍ୱେଷୀମାନେ ଏବଂ ପସଇପୁର ଗ୍ରାମଗୁଡିକ ପ୍ରଭୁଙ୍କଠାରେ ସେମାନଙ୍କର ବିଶ୍ୱାସକୁ ଯେପରି ସ୍ୱୀକାର କରିବେ । ଅନନ୍ତପୁର ମଣ୍ଡଳୀ ଶାନ୍ତି ପ୍ରତିଷ୍ଠା ହେବ ଏବଂ ସମସ୍ତ ବିଶ୍ୱାସୀମାନେ ଗୋଟିଏ ସ୍ଥାନରେ ଏକତ୍ର ହେବେ । ପୁରୱାମାଲହାଣ୍ଡ ର ପୁପଲ ଏବଂ ସୁଙ୍ଗସପୁର ଲାଡଲି କିଡନୀ ଷ୍ଟୋନ ସମସ୍ୟାରୁ ସୁସ୍ଥ ହେବେ । ସହେବପୁର ଆତ୍ମ ବିଶ୍ୱାସୀ ବିଟୌଲି ଉପାସନା ସେବାରେ ନିୟମିତ ଭାବେ ଯୋଗ ଦେବା ନିମନ୍ତେ ସମସ୍ତ ପ୍ରକାର ବନ୍ଧନ ଉପରେ ବିଜୟ ପାଇବ ।

# ମଧ୍ୟ ପ୍ରଦେଶ

## ପନସେମାଲ:

### ଭଙ୍ଗସିଂହ ଏମ.ଭାସବ ଏବଂ ୟେମନ

ପ୍ରଶଂସା: ଜଣେ ବ୍ୟକ୍ତି ଯୀଶୁ ଖ୍ରୀଷ୍ଟଙ୍କ ବିଷ-ୟରେ ଜାଣିବାକୁ ପାରିଥିଲା ଏବଂ ୩ଟି ଗ୍ରାମରେ ନୂଆରେ ସୁସମାଚାର ପହଞ୍ଚିଥିଲା । ୭ଟି ଗ୍ରାମରେ ଆଉଟରିଚ୍ ସେବାକାର୍ଯ୍ୟରେ ଈଶ୍ୱର ଆଶୀର୍ବାଦ କରିଥିଲେ ଏବଂ ବହୁ ଜଣ ସୁସମାଚାରରେ ଆଗ୍ରହ ଦେଖାଇଥିଲେ । ତିନୋଟି ପରିବାର ନୂଆରେ ଆତ୍ମ ଉପାସନା ସେବାରେ ଯୋଗ ଦେଇଛନ୍ତି । ଈଶ୍ୱର ବଳରାମକୁ ସାପ କାମୁଡାରୁ ସୁରକ୍ଷା ଦେଇଥିଲେ । ସୋନିଭାଇ ପ୍ରାର୍ଥନାର ଉତ୍ତର ସ୍ୱରୂପ ମୃତ୍ୟୁ ଶଯ୍ୟାରୁ ଉଠିଥିଲେ ।

ପ୍ରାର୍ଥନା: ଯୋଉ ଅ - ବିଶ୍ୱାସୀମାନେ ଖ୍ରୀଷ୍ଟିୟାନ ବାହାଘରଗୁଡିକରେ ଯୋଗଦାନ କରୁଛନ୍ତି ସେମାନଙ୍କର ପରିତ୍ରାଣ ନିମନ୍ତେ ପ୍ରାର୍ଥନା କରନ୍ତୁ । ଆତ୍ମ ନୂଆ ବିଶ୍ୱାସୀ ଜହଲିବାଇ ପ୍ରଭୁଙ୍କଠାରେ ବିଶ୍ୱାସ ହେତୁ ତାହାର ପୁଅ ଠାରୁ ବିରୋଧର ସମ୍ମୁଖୀନ ହେଉଛି । ପ୍ରବାସୀ ବିଶ୍ୱାସୀମାନେ ସେମାନଙ୍କର ବିଶ୍ୱାସରେ ଯେପରି ଦୃଢ଼ ରହିବେ । ରଘୁନାଥ ମଦ୍ୟଆତ୍ମା ବନ୍ଧନରୁ ଯେପରି ମୁକ୍ତ ହେବ । ସୁଖିର ଜିଭରେ ହୋଇଥିବା ଟ୍ୟୁମରୁ ଯେପରି ସେ ସୁସ୍ଥ ହେବ । ଯେଉଁ ମହିଳାମାନଙ୍କର ସନ୍ତାନ ନାହିଁ ସେମାନଙ୍କ ନିମନ୍ତେ

**10 MARCH**
Thursday

*Happy Birthday*

Mr. Selva Kumar R.
Miss. Promila Soren
Mrs. Sharmila Satheesh

## ଧୂଲକୋଟ:

## ଆଇଜାକ ଏବଂ ସୀଥା

ପ୍ରଶଂସା: ନଜରାବାଦ ନାମରେ ଗୋଟିଏ ଗ୍ରାମ ସେଠାରେ ନୂଆରେ ସୁସମାଚାର ପ୍ରହଞ୍ଚି ଥିଲା । ଆସନ୍ତା ଦିନମାନଙ୍କରେ ଦନଡ୍ ଗ୍ରାମରେ ଆଉଟରିଚ୍ କାର୍ଯ୍ୟ କରିବା ପାଇଁ ଆମ୍ଭେମାନେ ଯୋଜନା ରଖିଛୁ କାରଣ ଈଶ୍ୱରଙ୍କ ଦୟାରୁ ସେ ସ୍ଥାନରେ କିଛି ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହୋଇଛି । ବିଶେଷ ସୁସ୍ଥକାରୀ ପ୍ରାର୍ଥନା ସଭାରେ ଜମନିଆ ଗ୍ରାମର ସଙ୍ଗୀତା ଏବଂ କଳା ସୁସ୍ଥତା ଲାଭ କରିଛନ୍ତି । କମଲକେଦାରେ, ଏକ ପାରିବାରିକ ଅବସର ସମୟରେ ୫୦ଜଣ ବ୍ୟକ୍ତି ପ୍ରଥମ ଥର ନିମନ୍ତେ ସୁସମାଚାର ଶୁଣିଥିଲେ । କେଦା ଗ୍ରାମରେ ସନ୍ତୋଷ ସୁସମାଚାରରେ ଆଗ୍ରହୀ ।

ପ୍ରାର୍ଥନା:ଆମ୍ଭ ଇଭାନଜଲିଷ୍ଟ ସୁବାଷ ଏବଂ କେନ୍ଦାଲାଲ ପ୍ରଭାବ ଶାଳୀ ଭାବରେ ଆଉଟରିଚ୍ ସେବାକାର୍ଯ୍ୟ କରିବେ । ନଗରୱାଡି ଏବଂ ଅମ୍ବା ଗ୍ରାମରେ ଆଉଟରିଚ୍ ସେବାକାର୍ଯ୍ୟରେ ଏବଂ ଆଗକୁ ଥିବା କାର୍ଯ୍ୟକ୍ରମରେ ଈଶ୍ୱରଙ୍କ ଆଶୀର୍ବାଦ ନିମନ୍ତେ ପ୍ରାର୍ଥନା କରନ୍ତୁ ।

## ଖାଲୱା:

## ବିନତ୍ ପ୍ରସାଦ ବର୍ଦ୍ଧନ ଏବଂ ଅମୋଜିତା

ପ୍ରଶଂସା: ୧୧ଜଣ ବ୍ୟକ୍ତି ଯୀଶୁଖ୍ରୀଷ୍ଟଙ୍କ ନିକଟକୁ ବିଶ୍ୱାସରେ ଆସିଥିଲେ ଏବଂ ୪ଟି ଗ୍ରାମରେ ନୂଆରେ ସୁସମାଚାର ପହଞ୍ଚିଥିଲା । ଚିକତଲାଇର ଶକରାମ ପୁରୁଣା ଜ୍ୱରରୁ ଏବଂ ଜାମଧାଦ ଗ୍ରାମର ଅଲୋକିଲାଲ ଭୟଙ୍କର ରୋଗରୁ ସୁସ୍ଥ ହେଲେ । ଧମାର ରାମଲାଲ ଏବଂ ତାହାର ସମଗ୍ର ପରିବାର ଏକ ବଣୁଆ ଭାଲୁଠାରୁ ସୁରକ୍ଷା ପାଇଥିଲେ ଏବଂ ରାମବାଟି ପରିବାର ଘରେଥିବା ବିଷଧର ସର୍ପରୁ ରକ୍ଷା ପାଇଥିଲେ । ଈଶ୍ୱର ଚିଖଲିଆକୁ ମନ୍ଦଆତ୍ମା ବନ୍ଧନରୁ ମୁକ୍ତ କଲେ । ବାଗ ମା ସୁକରାମ ଯିଏକି ଜଣେ ସୁସମାଚାର ବିରୋଧି ଥିଲା, ଅନୁତାପ କଲା ଏବଂ ଯୀଶୁ ଖ୍ରୀଷ୍ଟଙ୍କୁ ଗ୍ରହଣ କଲେ ।

ପ୍ରାର୍ଥନା: ଚିଖତଲାଇ ସୁକରାମ ଆମ୍ଭ ମଣ୍ଡଳୀ ପ୍ରାଚୀନ ଗୀର୍ଜା ନିର୍ମାଣ ନିମନ୍ତେ ଏକ ଜମି ଦାନ କରିଛନ୍ତି ଯେପରି ବିନା ବାଧାରେ ଗୀର୍ଜା ନିର୍ମାଣ କରାଯାଇ ପାରିବ । ଗୋରବଡିର ମଙ୍ଗିଲାଲ ସମସ୍ତ ବାଧା ଉପରେ ବିଜୟ ଲାଭ କରିବେ ଏବଂ ନିୟମିତ ଭାବେ ଗୀର୍ଜାରେ ଯୋଗଦାନ କରିବେ । ଚରଖାର ଟୋଟାରାମ ଅନୁତାପ ନିମନ୍ତେ, ଜାମଧାଧ ଅଞ୍ଚଳର ସୁରେଶ ଏବଂ ଶ୍ୟାମଲାଲ ମଦ ଏବଂ ଗୁଟଖା ଅଭ୍ୟାସକୁ ଯେପରି ପରିତ୍ୟାଗ କରିବେ । ଆମ୍ଭ ହଷ୍ଟେଲ ପିଲା ବୈଷ୍ଣବି ଏବଂ ସାଗର କୋଭିଡ'୧୯ରୁ ଯେପରି ସୁସ୍ଥ ହେବେ । ବିଶ୍ୱାସୀମାନଙ୍କର ପିଲାମାନେ ପାଠପଢା ପରେ ଉଚ୍ଚ ଚାକିରୀ କରିବେ, ସେହି ଯୁବାମାନଙ୍କ ଭବିଷ୍ୟତ୍ ନିମନ୍ତେ ପ୍ରାର୍ଥନା କରନ୍ତୁ ।

# 11 MARCH
Friday

*Happy Birthday*

Mr. Asir Selvaraj C.
Mr. Praween Das
Mr. Satikanta Parichha

## ଖରଗନେ:

## ହବେଲ ହେମବ୍ରମ

ପ୍ରଶଂସା: ୧୪ଜଣ ବ୍ୟକ୍ତି ବିଶ୍ୱାସରେ ଯୀଶୁଖ୍ରୀଷ୍ଟଙ୍କ ନିକଟକୁ ଆସିଥିଲେ ଏବଂ ୧୨ଟି ଗ୍ରାମରେ ନୂଆରେ ସୁସମାଚାର ପହଞ୍ଚିଥିଲା । ବେଗୱାଲା ଗ୍ରାମରେ ଏକ ପ୍ରାର୍ଥନା ଦଳ ଆରମ୍ଭ କରିବାକୁ ଈଶ୍ୱର ଆମ୍ଭକୁ ସାହାଯ୍ୟ କରିଥିଲେ । ନ୍ୟାନଗର ନନ୍ନୁରାମକୁ ଈଶ୍ୱର ବାନ୍ତିରୁ ସୁସ୍ଥ କରିଥିଲେ । ଇଛାପୁରର ଆମ୍ଭ ବିଶ୍ୱାସୀ ସୁରେଶ ଭାଇ ଏକ ସନ୍ତାନର ଆଶୀର୍ବାଦ ପାଇଛନ୍ତି । ଭାରତଭାଇକୁ ଈଶ୍ୱର ସ୍ପର୍ଶ କଲେ, ଯିଏକି ଜଣେ ସୁସମାଚାରର ବିରୋଧି ଥିଲେ ପ୍ରଭୁଙ୍କୁ ବିଶ୍ୱାସରେ ସ୍ୱୀକାର କରିଛନ୍ତି ।

ପ୍ରାର୍ଥନା: ସୁସମାଚାରର ବିରୋଧିମାନଙ୍କ ହାତରୁ ଆମ୍ଭ ଇଭାନଜଲିଷ୍ଟମାନଙ୍କର ସୁରକ୍ଷା ନିମନ୍ତେ ପ୍ରାର୍ଥନା କରନ୍ତୁ । ଭିଙ୍ଗରା, ଘାଟି, ଗାଭଲା, ଚୋଟି ଖରଗନେ, ମରନିଆ, ଗଟାନିଆ ଏବଂ ସଲଖେଦା ଗ୍ରାମରେ ନୂଆରେ ପ୍ରାର୍ଥନା ମିଟିଙ୍ଗ ଆରମ୍ଭ ହେବ । ସଙ୍ଗୀତା ମୂର୍ଚ୍ଛାରୁ ଏବଂ ନଭଲ ସିଂହ ପକ୍ଷାଘାତରୁ ସୁସ୍ଥ ହେବେ । ରେଶମା, ଲଡକି ବାଇ, ସଙ୍ଗୀତା ଏବଂ ରାକେଶଭାଇ ମନ୍ଦଆତ୍ମା ବନ୍ଧନରୁ ମୁକ୍ତ ହେବେ ।

## ପଲ:

## ମହେନ୍ଦ୍ରନ ଏବଂ ପୁଷ୍ପମ

ପ୍ରଶଂସା: ଯୀଶୁଖ୍ରୀଷ୍ଟ ଯେ ରକ୍ଷାକାରୀ ଆଠଜଣ ବ୍ୟକ୍ତି ତାହା ଜାଣିବାକୁ ପାରିଥିଲେ ଏବଂ ୧୨ଟି ଗ୍ରାମରେ ନୂଆରେ ସୁସମାଚାର ପହଞ୍ଚିଥିଲା । ରୀନା ମନ୍ଦଆତ୍ମା ବନ୍ଧନରୁ ମୁକ୍ତ ହେଲା । ଈଶ୍ୱର ନରନକୁ ମୃତ୍ୟୁ ଶଯ୍ୟାରୁ ଏବଂ ରାମବାଇର ପିଲା ଛାତରୁ ପଡିଯାଇ ଆଘାତ ପାଇଥିଲା ତାହାକୁ ସୁସ୍ଥ କରିଥିଲେ ।

ପ୍ରାର୍ଥନା: ପଲୋନା ଗ୍ରାମରେ ସୁସମାଚାରର ବିରୋଧୀମାନଙ୍କର ଅନୁତାପ ନିମନ୍ତେ ପ୍ରାର୍ଥନା କରନ୍ତୁ । ହଲଦୀରାମ, ପୁନଥିଭାଇ, ଜିନା, ସୁଭାଷ, ରମେଶ ଏବଂ ବାଲିଭାଇ ବିଶ୍ୱାସୀମାନେ ପଛକୁ ଫେରି ଯାଇଥିଲେ ଯେପରି ବିଶ୍ୱାସରେ ଦୃଢ ରହିବେ । ଆମ୍ଭ ବିଶ୍ୱାସୀ ରାଦସ ପରିବାର ସନ୍ତାନର ଆଶୀର୍ବାଦ ପାଇବେ । ନରାୟଣ ପକ୍ଷାଘାତରୁ ଯେପରି ସୁସ୍ଥ ହେବ ।

## ଚିରିୟା:

## ଇଗଲାଇଭାନ ଏବଂ ବେରିଲ ସରୋମନି

ପ୍ରଶଂସା: ନଅଟି ଗ୍ରାମରେ ନୂଆରେ ସୁସମାଚାର ପ୍ରଚାର କରାଯାଇଥିଲା । ମରକାଦି ଗ୍ରାମର ଲୋକମାନଙ୍କୁ ଈଶ୍ୱର ମନ୍ଦଆତ୍ମାର ଯାତନାରୁ ମୁକ୍ତ କଲେ । ଆମ୍ଭ ନୂଆ ଅନ୍ୱେଷୀ ମଲିକ ପ୍ରାର୍ଥନାର ଉତ୍ତର ସ୍ୱରୂପ ଗଳାରେ ହୋଇଥିବା ବଥରୁ ସୁସ୍ଥତା ପାଇଥିଲେ ।

ପ୍ରାର୍ଥନା: କଲିଗ୍ରାମ, ରାଜପୁରା, ରଥନାପୁର, କୁସୁମବିଆ, ମନକରିଆ, ବଲହାଦ ଏବଂ ନିଆନକାଦି ଗ୍ରାମରେ ସୁସମାଚାର ନିମନ୍ତେ ଦ୍ୱାର ଖୋଲା ରହିବ । ସୁକୁଲାଭାଇର ଅନୁତାପ ନିମନ୍ତେ ଯିଏକି ତାର ସ୍ତ୍ରୀକୁ ଉପାସନାରେ ଯୋଗ ଦେବାକୁ ବାଧା ଦେଉଛି । ମନୋଜ ମୂକ ଏବଂ ବଧିର ଏବଂ ଅରପିତା ସ୍ୱାସ୍ଥ୍ୟ ଦୁର୍ବଳତାରୁ ଏମାନେ ଯେପରି ସୁସ୍ଥ ହେବେ । ବୃଦ୍ଧାମାନଙ୍କ ନିମନ୍ତେ ପ୍ରାର୍ଥନା କରନ୍ତୁ ।

**12 MARCH**
Saturday

*Happy Birthday*
Mrs. Shiny Kinsly

## ଉଦୟନଗର(ବଗଲି)

### ଡି.ଓ୍ୱିଲସନ ଏବଂ ରଶ୍ମିତା ପରିଡା

ପ୍ରଶଂସା:ଆଠଟି ଗ୍ରାମରେ ନୂଆରେ ସୁସମାଚାର ପହଞ୍ଚିଥିଲା । ବିରୋଧ ବିଶ୍ୱାସୀମାନଙ୍କୁ ପ୍ରଭୁଙ୍କଠାରେ ବିଶ୍ୱାସକୁ ଦୃଢ଼ କରିବାକୁ ପ୍ରେରଣା ଯୋଗାଇଥିଲା । ଗୁଜୁରାଟରେ ଥିବା ପ୍ରବାସୀମାନେ ପ୍ରଭୁଙ୍କଠାରେ ସେମାନଙ୍କର ବିଶ୍ୱାସକୁ ଧରି ରଖିବେ ।

ପ୍ରାର୍ଥନା: ଥାକ୍ମା ସମାଜ, ଅନୁ, ଶୋଭରାମ, ରାଧ । କିସନ, ଭୁଦିଆ, ରାମପୁର ଏବଂ ଶିଭାନି ଗ୍ରାମ ଲୋକମାନଙ୍କର ଅନୁତାପ ନିମନ୍ତେ । ପ୍ରବୀଣ, ରାଜୁ, ବହୁସିଂ, ଟୀନା, ସୀମା ଏବଂ କେଶରୀ ମନ୍ଦଆତ୍ମା ବନ୍ଧନରୁ ଯେପରି ମୁକ୍ତ ହେବେ । ଦଶରଥପୁରର ରେଖାବେନ କିଡନୀ ଷ୍ଟୋନ ସମସ୍ୟାରୁ ଏବଂ ଖୁରାଡିଆ ଗ୍ରାମର ଅନୁଷା ପକ୍ଷାଘାତରୁ ଯେପରି ସୁସ୍ଥତା ପାଇବେ ।

## ଝାରଖଣ୍ଡ

### ଅମରପଡା: ବେନହୁର ଏବଂ ମେରୀ ଜନସୀ ରାନୀ

ପ୍ରଶଂସା: ଚଉତିରିଶ ଜଣ ବ୍ୟକ୍ତି ବିଶ୍ୱାସରେ ଯୀଶୁଖ୍ରୀଷ୍ଟଙ୍କ ନିକଟକୁ ଆସିଥିଲେ । ଈଶ୍ୱର ଅ ।ଉଟରିଚ୍ ରାତ୍ରୀ କାର୍ଯ୍ୟକ୍ରମରେ ଆଶୀର୍ବାଦ କରିଥିଲେ ଏବଂ ୩୩୫ଜଣ ବ୍ୟକ୍ତି ପ୍ରଥମ ଥର ନିମନ୍ତେ ସୁସମାଚାର ଶୁଣିଥିଲେ । କିରଥା ଗ୍ରାମର କଲ୍ୟାଣ ସରେନ ଏକ ବଡ ଦୁର୍ଘଟଣାରୁ ଏବଂ ଡୋଗରୋ ମଣ୍ଡଳୀର ପ୍ରାଚୀନ ପୁଅ, ଏନଟୋନି ମୁର୍ମୁ ଏକ ଅଗ୍ନି ଦୁର୍ଘଟଣାରୁ ଈଶ୍ୱର ରକ୍ଷା କରିଥିଲେ ।

ପ୍ରାର୍ଥନା: ଟଟି ମଣ୍ଡଳୀର ପ୍ରାଚୀନ ମୁନସୀ ମାରାଣ୍ଡି ଯିଏକି କଥା କହିପାରୁ ନାହିଁ କି ଶୋଇ ପାରୁ ନାହିଁ ତାର ସୁସ୍ଥତା ନିମନ୍ତେ ପ୍ରାର୍ଥନା କରନ୍ତୁ । ଜରସିମଲ ଏବଂ ବଟିକନଦୁର ମଣ୍ଡଳୀର ଆଭ୍ୟନ୍ତରୀଣ କନ୍ଦଳ ଯେପରି ଶାନ୍ତିପୂର୍ଣ୍ଣ ଭାବେ ସମାଧାନ ହେବାକୁ ପାରିବ । ବରଦହା ଗ୍ରାମର ନରେଶ ହାଁସଦା, ଭଗପଡା ଗ୍ରାମର ବୁଦିସର ମାରାଣ୍ଡି ଭଗା ଗ୍ରାମର ସନମୁନି ମାରାଣ୍ଡି ଏମାନଙ୍କର ପରିତ୍ରାଣ ନିମନ୍ତେ । ହଷ୍ଟେଲ ପିଲାମାନଙ୍କର ଆତ୍ମିକ ଏବଂ ଶାରୀରିକ ବୃଦ୍ଧି ନିମନ୍ତେ ।

## ବାଦିଡୋଲା:

### ଜୀବନ ରଞ୍ଜନ ଏବଂ ସ୍ନିଗଧା

ପ୍ରଶଂସା: ବତିରିଶ ଜଣ ବ୍ୟକ୍ତି ଖ୍ରୀଷ୍ଟଙ୍କ ନିକଟକୁ ଆସିଥିଲେ । ପହରପୁର, ଝାବରୀ ଏବଂ ଲରାଘୁଟୁ ଅଞ୍ଚଳରେ ଗୀର୍ଜା ନିର୍ମାଣ ଚାଲିଛି । କଲ୍ୟାଣପୁର ଗ୍ରାମର ଗୋଟିଏ ପରିବାର ଯୀଶୁଖ୍ରୀଷ୍ଟଙ୍କୁ ଗହଣ କରିଥିଲେ । ଦରିୟାପୁର ଗ୍ରାମରେ ମଣ୍ଡଳୀ ପ୍ରାଚୀନମାନଙ୍କ ମିଟିଙ୍ଗ ଅନୁଷ୍ଠିତ ହୋଇଥିଲା ଏଥିରେ ବହୁଜଣ ଆଶୀର୍ବାଦ ପାଇଥିଲେ ।

ପ୍ରାର୍ଥନା:ଦଲଦଲି ଗୀର୍ଜା ନିର୍ମାଣ କାର୍ଯ୍ୟ ସଫଳତାର ସହ ଶେଷ ହେବ । ଦଲଦଲି ଗ୍ରାମରେ ମାର୍ଚ୍ଚ ୨୦୨୨ରେ କ୍ଷେତ୍ରସ୍ତରରେ ସମ୍ମିଳନୀ ହେବାକୁ ଯାଉଛି । ଅସନବାନି, ଲକି, ସିଗନାଟନ, କୁସୁମ ଏବଂ ଭଗନାଡିହ ନାମ ଗ୍ରାମରେ ଆଉଟରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି । ଲକ୍ଷିପୁର ଗ୍ରାମର ଆମ୍ର ମଣ୍ଡଳୀ ପ୍ରାଚୀନ, ସିମନ ମାରାଣ୍ଡି ଟିବି ଏବଂ ଟାଏଫୋଏଡ୍‌ରୁ ଏବଂ ଜୟନ୍ତୀ ଟୁଡୁ ମ୍ୟାଲେରିଆରୁ ଯେପରି ସୁସ୍ଥତା ଲାଭ କରିବେ ।

**13 MARCH**
Sunday

*Happy Birthday*

Mr. Hutoi Achumi K.
Mr. Yesuprakash J.

## କନ୍ଦୁଓ୍ୱା ଏବଂ ସାନ୍ତାଳ ଏଲଟିଆଇ:

## ସୁନ୍ଦର ଦୁରାଇ ଏବଂ ମେଲବିନ

ପ୍ରଶଂସା: ଉଣେଇଶ ଜଣ ବ୍ୟକ୍ତି ଯୀଶୁଖ୍ରୀଷ୍ଟଙ୍କ ନିକଟକୁ ବିଶ୍ୱାସରେ ଆସିଥିଲେ ଏବଂ ୨ଟି ଗ୍ରାମରେ ନୂଆରେ ସୁସମାଚାର ପହଞ୍ଚିଥିଲା । ନେତୃତ୍ୱ ତାଲିମ କାର୍ଯ୍ୟକ୍ରମ ଯାହାର ଶିର୍ଷକ ଥିଲା "ଆତ୍ମିକ ଦାନଗୁଡିକ" ଈଶ୍ୱର ଏହି କାର୍ଯ୍ୟରେ ଆଶୀର୍ବାଦ କରିଥିଲେ ଏବଂ ୧୦୪ଜଣ ସ୍ଥାନୀୟ ଇଭାନଜଲିଷ୍ଟ ଉପକୃତ ହୋଇଥିଲେ । ଈଶ୍ୱର ପାଉଲୁସ ହାଁସଦାକ କୁ ଦୁର୍ଘଟଣାରେ ଗୋଡଭଙ୍ଗାରୁ ଏବଂ ମେରୀ ହେମବ୍ରମ ମାନସିକ ରୋଗରୁ ସୁସ୍ଥ କଲେ ।

ପ୍ରାର୍ଥନା: ସମସ୍ତ ୩୯ଟି ମଣ୍ଡଳୀରେ ସମସ୍ତ ପରିବାର ଉପାସନାରେ ଯୋଗ ଦେବେ । ଏହି ମାସ ବାର୍ଷିକ ମେଳାରେ ଆଶୀର୍ବାଦ ନିମନ୍ତେ । ଏଲଟିଆଇରେ ନିର୍ମାଣ କାର୍ଯ୍ୟ ଯେପରି ଶେଷ ହେବ । ଏହି କ୍ଷେତ୍ରରେ ଅଧିକ ଜାଗରଣ ହେବାକୁ ପାରିବ ।

## ପଥନା:

## କେନେଡି ସିଂହ ଏବଂ ଲିନ୍ଥଇବି

ପ୍ରଶଂସା: ସାତଜଣ ବ୍ୟକ୍ତି ଯୀଶୁଖ୍ରୀଷ୍ଟଙ୍କ ନିକଟକୁ ଆସିଥିଲେ ଏବଂ ୫ଟି ଗ୍ରାମରେ ନୂଆରେ ସୁସମାଚାର ପହଞ୍ଚିଥିଲା । ଈଶ୍ୱର ଅଞ୍ଜଳି ର୍ମୁମୁକୁ ଟାଏଫୋଏଡରୁ, ଦୀପାଲି ବେସରା ଏବଂ ଅନୀତାକୁ ମ୍ୟାଲେରିଆରୁ ଏବଂ ସିରିଲ ସରେନକୁ ପକ୍ଷାଘାତରୁ ସୁସ୍ଥ କଲେ । ଡମୋତଲା, କକରୋ, ଝୁମୁର ବଣ୍ଡ, ସିମଲଡପ ଏବଂ ବରମାସିଆ ଗ୍ରାମରେ ଗୀର୍ଜା ନିର୍ମାଣ ହେବା ନିମନ୍ତେ ଜମି ଦାନ କରାଯାଇଥିଲା । ଝୁମୁର ବଣ୍ଡ ଏବଂ କେଶର ଅଞ୍ଚଳରେ ଥିବା ମଣ୍ଡଳୀଗୁଡିକୁ ମିଥ୍ୟା ଶିକ୍ଷା ପ୍ରଭାବରେ ଲୋକେ ଘର ଦେଉ ନାହାନ୍ତି ।

ପ୍ରାର୍ଥନା: ବୋନିଡଙ୍ଗଲ ଏବଂ ଶ୍ରୀରାମପୁର ଅଞ୍ଚଳରେ ମଣ୍ଡଳୀ ଗଠନ ହେବ । ଖେୟାରବାନି ସାମସନ ମାରାଡି ଏବଂ କ୍ରୀଷ୍ଟ ଟୁଡୁ ପରିବାର ପରିତ୍ରାଣ ନିମନ୍ତେ ପ୍ରାର୍ଥନା କରନ୍ତୁ । କିସ୍କୁ ଏବଂ ସୁନୀତା ଆତ୍ମ ବିଶ୍ୱାସୀ ପରିବାର ଏକ ସନ୍ତାନର ଆଶୀର୍ବାଦ ପାଇବେ । ଶିଲାସ ଟୁଡୁ ମସ୍ତିଷ୍କ ବେମାରୀରୁ, ମିଜଡିହାର ବଣ୍ଡକ ର୍ମୁମୁ ଏବଂ ସନଜଲି ର୍ମୁମୁ ପକ୍ଷାଘାତରୁ ଏବଂ ଆତ୍ମ ମଣ୍ଡଳୀ ପ୍ରାଚୀନ ଇମ୍ମାନୁଏଲ ଅମଡଣ୍ଡି କିଡନୀ ସମସ୍ୟାରୁ ସୁସ୍ଥ ହେବେ ।

## ଆତ୍ମହତ୍ୟା ର ଆତ୍ମା ପଳାଇଲା:

କର୍ଣ୍ଣାଟକ, ଅନନ୍ତପୁର ଅଞ୍ଚଳରୁ ତିଲାମାଥୁର କ୍ଷେତ୍ରର ନରସମ୍ମା, ସବୁବେଳେ ଏକ ଶବ୍ଦ ଶୁଣୁଥିଲା, ତାହାକୁ ଆତ୍ମହତ୍ୟା କରିବାକୁ ଉସକାଉଥିଲା । ମନ୍ଦଆତ୍ମା ତା'ର ଘରେ ରହି ସବୁବେଳେ ତାହାର ଜୀବନକୁ ଦାବି କରୁଥିଲା । ଯେତେବେଳେ ସେ ଘରୁ ଦୂରକୁ ଯାଉଥିଲା ସେ ସେହି ଶବ୍ଦ ଶୁଣି ପାରୁ ନଥିଲା । ଥରେ ସେ ତାହାର ଘରକୁ ପଶିଲା ପରେ ଆତ୍ମହତ୍ୟା କରିବାକୁ ବଳ ପ୍ରୟୋଗ କଲା । ସେ ଗୀର୍ଜାକୁ ଆସିଲା ଏବଂ ଆତ୍ମ ମିଶନାରୀକୁ ସମସ୍ତ ବିବରଣୀ ଜଣାଇଲା । ମିଶନାରୀ ତାହା ପାଇଁ ପ୍ରାର୍ଥନା କଲେ ଏବଂ ତାହାର ଘରକୁ ପରିଦର୍ଶନ କଲେ ଏବଂ ଏକ ବିଶେଷ ପ୍ରାର୍ଥନା ଉତ୍ସର୍ଗ କଲେ । ସେହି ଦିନଠାରୁ ସେ ସମ୍ପୂର୍ଣ୍ଣ ଠିକ୍ ଅଛି ଏବଂ ସେ ଓ ତାହାର ପରିବାର ଯୀଶୁଖ୍ରୀଷ୍ଟଙ୍କୁ ଗ୍ରହଣ କଲେ ।

## 14 MARCH
Monday

*Happy Birthday*

Mrs. Elizabeth David
Mr. Vyasu Babu A.
Mrs. Vung ThianChing Thang
Miss. Birari Ritaben

### ସାନ୍ତାଳ ଦୁମ୍‌କା ଅଞ୍ଚଳ: କୁମାରାଭେଲ ଏବଂ ମାରିୟାଲ

ପ୍ରଶଂସା: ଅଠାଅଶୀ ଜଣ ବ୍ୟକ୍ତି ବିଶ୍ୱାସରେ ଯୀଶୁଖ୍ରୀଷ୍ଟଙ୍କ ନିକଟକୁ ଆସିଥିଲେ ଏବଂ ୮୯ଟି ଗ୍ରାମରେ ନୂଆରେ ସୁସମାଚାର ପହଞ୍ଚିଥିଲା । ପ୍ରାର୍ଥନାର ଉତ୍ତର ସ୍ୱରୂପ ଆମ୍ଭର ବହୁ ବିଶ୍ୱାସୀ କୋଭିଡ'୧୯ରୁ ସୁସ୍ଥ ହେଲେ । ସମସ୍ତ ମଣ୍ଡଳୀ ଶସ୍ୟ ଉତ୍ସର୍ଗ ପର୍ବ ପାଳନ କରିଛନ୍ତି । ପଶ୍ଚିମ ବଙ୍ଗରେ ବହୁ ଗ୍ରାମଗୁଡିକରେ ସୁସମାଚାର ପ୍ରଚାର ନିମନ୍ତେ ଈଶ୍ୱର ଦ୍ୱାର ଖୋଲା ରଖିଛନ୍ତି ।

ପ୍ରାର୍ଥନା: ରାନେଶ୍ୱର, ନାଲା ଏବଂ ମାସାଲିୟା କ୍ଷେତ୍ରରେ ଆମ୍ଭ ସେବାକାର୍ଯ୍ୟରେ ବଡଧରଣର ଅଗ୍ରଗତି ନିମନ୍ତେ । ସାନ ଦଳ ଏବଂ ମଣ୍ଡଳୀ ପ୍ରାଚୀନମାନଙ୍କର ତାଲିମ କାର୍ଯ୍ୟକ୍ରମରେ ଆଶୀର୍ବାଦ ନିମନ୍ତେ । ଏହି ଅଞ୍ଚଳରେ ଆଗକୁ ଥିବା ମେଳା କାର୍ଯ୍ୟକ୍ରମରେ ଆଶୀର୍ବାଦ ନିମନ୍ତେ । ଆମ୍ଭ ମିଶନାରୀ ପ୍ରଦୀପ ମୂଶାହାରୀଙ୍କ ମେରୁଦଣ୍ଡରେ ସମସ୍ୟା ଏବଂ ସାନ୍ତନି ପାଣିଙ୍କ ଗୋଡ ଫୁଲା ରୋଗରୁ ଯେପରି ସୁସ୍ଥ ହେବେ ।

### ସୁନ୍ଦେରପାହାଡି: ଦାନିଏଲ ଧନ ସିଂହ ଏବଂ ସୁଭିଲା ଗନ୍ନାପୁ

ପ୍ରଶଂସା: ତିନିଜଣ ବ୍ୟକ୍ତି ଯୀଶୁଖ୍ରୀଷ୍ଟ ଯେ ରକ୍ଷାକାରୀ ତାହା ଜାଣିବାକୁ ପାରିଥିଲେ ଏବଂ ୧୧ଟି ଗ୍ରାମରେ ନୂଆରେ ସୁସମାଚାର ପହଞ୍ଚିଥିଲା । ମନହାଟନ ଗ୍ରାମର ଆମ୍ଭ ବିଶ୍ୱାସୀ ମାନୁଏଲ ଟୁଡୁ ଅଜାଣତରେ ସାପକୁ ଛୁଇଁ ଦେଇଥିଲା ମାତ୍ର ସାପ ତାହାକୁ କାମୁଡି ନ ଥିଲା । ବାଜିରି ଗ୍ରାମର ଶାମ ହେମବ୍ରମଙ୍କୁ ଛାତିର ଯନ୍ତ୍ରଣାରୁ ଏବଂ ଚନ୍ଦନା ଗ୍ରାମର ଟଲାଗୋ କିସ୍କୁ ମସ୍ତିଷ୍କ ମ୍ୟାଲେରିଆରୁ, କୁସୁମା ଗ୍ରାମର ମେରୁ ସରେନ ହାଡ ଭଙ୍ଗାରୁ ଏବଂ ଚନ୍ଦ୍ରଡିହ ଗ୍ରାମର ମରିୟମ ମୁର୍ମୁ ଏନିମିଆରୁ ଏସମସ୍ତଙ୍କୁ ଈଶ୍ୱର ସୁସ୍ଥ କରିଥିଲେ ।

ପ୍ରାର୍ଥନା: ସରଉନି ମଣ୍ଡଳୀରେ ଉପଯୁକ୍ତ ପ୍ରାଚୀନମାନଙ୍କୁ ଯେପରି ବଛା ଯାଇପାରିବ । ରକସୋ ଗ୍ରାମର ଜିୟଧନ ଦୁର୍ଘଟଣାରେ ମୁଣ୍ଡରେ ଲାଗିଥିବା ଆଘାତରୁ, ରାଜବିଟା ଗ୍ରାମର ସଲୋମି ମୁର୍ମୁ ଏନିମିଆରୁ, ବିଜରି ଗ୍ରାମର ବାବୁରାମ ହେମବ୍ରମ ମୂକତାରୁ ଏବଂ ଟେସରିଆ ଗ୍ରାମର ରାନି କିସ୍କୁ ପକ୍ଷାଘାତରୁ ଯେପରି ସୁସ୍ଥ ହେବେ । କୁସୁମା,ସୁନ୍ଦେର ପାହାଡି, ବରିୟାରପୁର ଗ୍ରାମରେ ଗୀର୍ଜା ନିର୍ମାଣ କାର୍ଯ୍ୟ ଯେପରି ଶେଷ ହେବ । ମସପଡା, ଅମାଲି, ଅସଲିପଡା, ସବଇକୁଡି, ଦୁମରଥାରି, ବସଜୋଡି, ସଗରପୁର, ଲଉଥାନା, ରୋଗଡା, ଜାମଡିହା, କଲମା, ଗାଇଟାଲ ଏବଂ ଲଙ୍ଗରଡି ନାମରେ ଏହି ଅପହଞ୍ଚ ଗ୍ରାମଗୁଡିକରେ ଯେପରି ସୁସମାଚାର ସହ ପହଞ୍ଚିହେବ । ବିଭିନ୍ନ ପ୍ରକାର ଅନ୍ଧବିଶ୍ୱାସ ଏବଂ କୁସଂସ୍କାରଠାରୁ ଲୋକ-ମାନେ ଦୂରେଇ ରହିବେ ଏବଂ ସତ୍ୟକୁ ଖୋଜି ଜାଣିବେ । ବିଶ୍ୱାସୀମାନଙ୍କ ମଧ୍ୟରେ ଏକତା ରହିବ । ଦୁଃସାଧ୍ୟ ରୋଗଗୁଡିକଠାରୁ ପ୍ରତ୍ୟେକଙ୍କ ସୁରକ୍ଷା ନିମନ୍ତେ ପ୍ରାର୍ଥନା କରନ୍ତୁ । ଯେଉଁଠାରେ ସୁସମାଚାରର ବୀଜ ବୁଣାଯାଉଛି ସେଠାରେ ପ୍ରଚୁର ଫଳ ଯେପରି ଫଳିବ ।

**15 MARCH**
Tuesday

*Happy Birthday*

Mrs. Aruna Kingsly, Mr. Stalin Jeeva N.
Mrs. Paran Jothy Lucina Subramanian
Mrs. Angelin Vasanthi Elangovan
Mr. Hijam Kenedy Singh, Mr. Rajan S.

## ଟେଲୋ:

### ପାଉଲରାଜ ଏବଂ ଜେବା ଜ୍ୟୋତି

ପ୍ରଶଂସା: ବାଇଶିଜଣ ବ୍ୟକ୍ତି ଯୀଶୁଖ୍ରୀଷ୍ଟଙ୍କ ଖୁଆଡ ମଧ୍ୟକୁ ଆସିଥିଲେ । କୋରଡିଆ ଗ୍ରାମରେ ଗୀର୍ଜାଗୃହ ଉତ୍ସର୍ଗରେ ଈଶ୍ୱର ଆଶୀର୍ବାଦ କରିଥିଲେ । କ୍ଷେତ୍ରସ୍ତରରେ ଧନ୍ୟବାଦ ମିଟିଙ୍ଗରେ ଯୋଗ ଦେଇଥିବା ସମସ୍ତ ୪୫୦ଜଣ ଯୋଗଦାନକାରୀ ବହୁ ଆଶୀର୍ବାଦ ପାଇଥିଲେ । ମୁରଗା ଗ୍ରାମର ବିଟି ର୍ମୁମୁକୁ ଈଶ୍ୱର ମନ୍ଦଆତ୍ମା ବନ୍ଧନରୁ ମୁକ୍ତ କରିଥିଲେ । ଅରବାଥଲ ଗ୍ରାମର ମନଜିଲି ର୍ମୁମୁକୁ ମୃତ୍ୟୁ ଶଯ୍ୟାରୁ ଏବଂ ବାଲସାର୍ଙ୍ଗିଆ ରୁ ସୁରଇ ହେମବ୍ରମ ମ୍ୟାଲେରିଆରୁ ଈଶ୍ୱର ସୁସ୍ଥ କରିଥିଲେ ।

ପ୍ରାର୍ଥନା: ଡୁମରି ଗ୍ରାମରେ କ୍ଷେତ୍ର ସ୍ତରେ ସମ୍ମିଳନୀରେ ଆଶୀର୍ବାଦ ନିମନ୍ତେ । ବସନିଆ, ବେରଡର, ବସକ ଏବଂ ବରମାସିଆରେ ଯୋଉମାନେ ଆଗ୍ରହର ସହ ସୁସମାଚାର ଶୁଣିଛନ୍ତି ଯେପରି ପରିତ୍ରାଣ ପାଇବେ । ଖେରୱା ଗ୍ରାମର ମରସିଲା ମାରାଣ୍ଡି ଜଣ୍ଡିସରୁ, ପଟଲହରା ଗ୍ରାମର ରସମିଲା ମୁରକୁ ସ୍ୱାସ୍ଥ୍ୟ ସମସ୍ୟାରୁ, ହବେଲ ର୍ମୁମୁର ସନ୍ତାନ, କିନ୍ଦୁୱାର ହବେଲ ର୍ମୁମୁ, ପଥରଗଟାର ଡେଭିଡ ହେମବ୍ରମ ଏବଂ ପଟଲହରାରୁ ପରମେ ହାଁସଦାକ ପକ୍ଷାଘାତରୁ, କିନ୍ଦୁୱାର ହପନା ର୍ମୁମୁ, ବାଗମୁଣ୍ଡିର ଲଳିତା ମାରାଣ୍ଡି ଏବଂ ତରପୁର ବେଞ୍ଜାମିନ ମାରାଣ୍ଡି ମୂର୍ଚ୍ଛାରୁ ଯେପରି ସୁସ୍ଥ ହେବେ । ମଙ୍ଗରୁ ର ସୁନୀଲ ହାଁସଦାକ, ତରପୁରର କାଲେବ ମାରାଣ୍ଡି ଏବଂ ଲଡୁଗଞ୍ଜର ଶାମଶନ ମାରାଣ୍ଡି ଟି.ବି.ରୁ ଯେପରି ସୁସ୍ଥ ହେବେ ।

## ଜଗନ୍ନାଥପୁର:

### ଗଣେଶ ଏବଂ ସୁମଥି

ପ୍ରଶଂସା: ଫଲୋଅପ ସେବାକାର୍ଯ୍ୟ ଏବଂ ବିଶ୍ୱାସୀମାନଙ୍କୁ ବ୍ୟକ୍ତିଗତ ପରିଦର୍ଶନ କରିବା ଦ୍ୱାରା ଆମ୍ଭ ସେବାକାର୍ଯ୍ୟ ଉନ୍ନତିରେ ଅଧିକ ଫଳପ୍ରଦ ହୋଇଥିଲା । ତିନୋଟି ଗ୍ରାମରେ ନୂଆ ।ରେ ସୁସମାଚାର ପହଞ୍ଚିଥିଲା । ଆମ୍ଭ ବିଶ୍ୱାସୀଙ୍କ ଝିଅ ଯିଏକି ଦୁର୍ଘଟଣାରେ ମୃତ୍ୟୁବରଣ କଲା ସେଥିପାଇଁ ଗ୍ରାମବାସୀମାନେ ଯେତେବେଳେ ଅର୍ଥ ଦାବୀ କଲେ ଈଶ୍ୱର ପରିସ୍ଥିତିକୁ ସମ୍ଭାଳିବା ନିମନ୍ତେ ଆମ୍ଭକୁ ସାହାଯ୍ୟ କରିଥିଲେ ।

ପ୍ରାର୍ଥନା: ଗୁଡିଜରଡା ଗୀର୍ଜା ନିର୍ମାଣ କାର୍ଯ୍ୟ ଏବଂ ପୁଙ୍କି ପିରେ ପ୍ରାଚୀର ନିର୍ମାଣ କାର୍ଯ୍ୟ ଯେପରି ଶୀଘ୍ର ଶେଷ ହେବ । ରୁଗୁଡସାଇ, ଗଦକେଶନା, କଲଇଡ୍ୟା ଏବଂ ସିରେସାଇ ଗ୍ରାମରେ ସୁସମାଚାରର ବିରୋଧୀମାନଙ୍କର ଅନୁତାପ ନିମନ୍ତେ । ରୁଗୁଡସାଇ ଏବଂ ସୋମା ପୁର୍ତ୍ତି ଗ୍ରାମର ବିଶ୍ୱାସୀମାନେ ପ୍ରଭୁଙ୍କଠାରେ ସେମାନଙ୍କର ବିଶ୍ୱାସ ହେତୁ ବିନା ବିରୋଧରେ ଯେପରି ସେମାନଙ୍କ ଫସଲ ଅମଳ କରିପାରିବେ । ଆମ୍ଭ ମିଶନାରୀ ସୁରେଶ ମାଲଟୋ ଏବଂ ଅନ୍ୟ ବିଶ୍ୱାସୀମାନେ ସେମାନଙ୍କ କ୍ଷେତ୍ରରେ ନିର୍ଯ୍ୟାତନା ମଧ୍ୟ ଦେଇ ଯାଉଛନ୍ତି ସେମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

16 MARCH
Wednesday
*Fasting Prayer*

*Happy Birthday*
Mr. Yecto Chophy, Mrs. Animol Jacob
Mrs. Agnes Ebenezer Edward

# ପଶ୍ଚିମ ବଙ୍ଗ

## ବାଲୁରଘାଟ:

### ହରମୋହନ ଏବଂ ସୁଷମା

ପ୍ରଶଂସା: ଜଣେ ବ୍ୟକ୍ତି ବିଶ୍ୱାସରେ ଯୀଶୁଖ୍ରୀଷ୍ଟଙ୍କ ନିକଟକୁ ଆସିଥିଲେ ଏବଂ ୪ଟି ଗ୍ରାମରେ ନୂଆରେ ସୁସମାଚାର ପହଞ୍ଚିଥିଲା । ବେଲିନେ ଗ୍ରାମର ସନ୍ତୋଷ ହାସଁଦା ପରିବାରରେ ଶାନ୍ତି ଫେରି ଆସିଛି ଯାହାର ସ୍ତ୍ରୀ ଚାଲି ଯାଇଥିଲା ଘରକୁ ଆସିଛି । ପେଟ କଷ୍ଟରୁ ସୋନା ଏବଂ ଶ୍ରୀମତୀ ହେମବ୍ରମ, ରୂପାଲି ଛାତିର ଯନ୍ତ୍ରଣାରୁ, ଅବୋଲ ଗ୍ରାମର ନୟନି, ମଣ୍ଡଳୀ ପ୍ରାଚୀନ ଭୟଙ୍କର ରୋଗରୁ ଈଶ୍ୱର ଏମାନଙ୍କୁ ସୁସ୍ଥ କଲେ ।

ପ୍ରାର୍ଥନା: କାମ ନିମନ୍ତେ ବାହାରକୁ ଯାଉଥିବା ବିଶ୍ୱାସୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ । ମୁନସିପୁର, ବସନାଇ, ଅତକଥୁରି, ଲେଟଡଙ୍ଗା, ଅରାକଡରଙ୍ଗ, ବେଲଦା, ଡଙ୍ଗି, ଡେଡଗେଟଲା, କୋକରାମ, ବିଲପଡା, କାସିପୁର, ଡୁରାଲଡବଗା, ଡୁନଡହରା, ମକଓ୍ୱା, ଝରାଇ ଏବଂ ମିଏନଗର ଗ୍ରାମଗୁଡିକରେ ସୁସମାଚାରର ବଡ ଧରଣର ଅଗ୍ରତି ହେବ । ମଡରଗଞ୍ଜ ର ବଜନ ହାଁସଦା, ରବିନ କିସ୍କୁ, ମନିଲା ମୁର୍ମୁ, ଅତକଥୁରି ସୁଜିତ୍ ମୁର୍ମୁ, ଖିତଙ୍ଗ ର ସୁନିରାମ, ମଧପୁର ରୁ ବିସୁନାଥ, ମୁମିନପୁର ରୁ କୁଲ ସରେନ, ଅଜର ରୁ ସୁସାନ ହାଁସଦା, ଦରଜପୁର ଗ୍ରାମରୁ ହପନା ଏହି ପରିବାରଗୁଡିକର ପରିତ୍ରାଣ ନିମନ୍ତେ ପ୍ରାର୍ଥନା କରନ୍ତୁ । ବେକର ଦୁର୍ବଳତାରୁ ମାଟି ମୁର୍ମୁ ଏବଂ ସୋନା ଯୁକ୍ରେସ ଇନ୍‌ଫେକସନରୁ ଯେପରି ସୁସ୍ଥ ହେବେ । ମୂଲାହାଟି ଗ୍ରାମରେ ଦେବୁ ପରିବାର ଯେପରି ଶାନ୍ତି ବିରାଜିତ ହେବ ।

## ଗଙ୍ଗାରାମପୁର:

### ଦିହେ ଏବଂ ଚରନି

ପ୍ରଶଂସା: ବାରଜଣ ବ୍ୟକ୍ତି ଯୀଶୁଙ୍କ ବିଷୟରେ ଜାଣିବାକୁ ପାରିଥିଲେ ଏବଂ ୩ଟି ଗ୍ରାମରେ ନୂଆରେ ସୁସମାଚାର ପହଞ୍ଚିଥିଲା । ଲୁକିରାମ ବାସକେ ଏବଂ ମଙ୍ଗଲ ହେମବ୍ରମ ଏହି ନୂଆ ପରିବାରଗୁଡିକ ସୁସମାଚାରରେ ଆଗ୍ରହ ଦେଖାଇଛନ୍ତି । ବେଲୁଘାଟରେ ବିଶ୍ୱାସୀମାନଙ୍କ ନିମନ୍ତେ ଶିବିର ଏବଂ ଟେକୁହାଟ ଏବଂ ଚଗୁଚି ଗ୍ରାମରେ ମାସ ଆଉଟରିଚ୍ କାର୍ଯ୍ୟକ୍ରମରେ ଈଶ୍ୱର ଆଶୀର୍ବାଦ କରିଥିଲେ । ତଲମାଇ ସରେନକୁ ମନ୍ଦଆତ୍ମା ଅକ୍ରମଣରୁ ଈଶ୍ୱର ସୁସ୍ଥ କରିଥିଲେ ।

